# ଚିତ୍ରଲେଖା

## ଆମ ଚିତ୍ର ଓ ଆମ ଲେଖା



ଗୁଲେଚି କାର୍ଯ୍ୟକ୍ରମର ଦ୍ୱିତୀୟ ଉପହାର

# ଆମଚିତ୍ର ଓ ଆମ ଲେଖା ବିଷୟରେ ପଦେ....

୨୦୨୦ ଓ ୨୦୨୧ ମସିହାରେ କୋଭିଡ ମହାମାରୀର ତାଣ୍ଡବଲୀଳା ଆମ ସମସ୍ତଙ୍କ ଜୀବନକୁ କବଳିତ କରିଥିଲା । ଆମ ପାଇଁ ତାହା ଦୁଃଖ, ଦୁର୍ଦ୍ଦଶା ଓ ନିରାଶାର ବର୍ଷ ଥିଲା । ଆମେ ବିଦ୍ୟାଳୟ ପାଠ ଏବଂ ତା ସହ ଗୁଲେଚି କାର୍ଯ୍ୟକ୍ରମରୁ ଦୂରେଇ ଯାଇ ବାଧ୍ୟତାମୂଳକ ନିଜ ନିଜ ଗାଁରେ ସମୟ ବିତାଇଲୁ ।

କେବଳ ଅପେକ୍ଷା ରହିଥିଲା କେବେ ଏ କରୋନା ଯିବ ଏବଂ ଆମେ ନିଜ ହଷ୍ଟେଲକୁ ଫେରିବୁ ପୁଣି ସାଙ୍ଗସାଥୀଙ୍କ ଗହଣରେ ପୂର୍ବ ଭଳି ହସି ଖେଳି ପାଠ ପଢ଼ିବୁ । ବିଶ୍ୱାସ ଥିଲା ଏଇ ଅନ୍ଧାର ଦୂର ହେବ ଏବଂ ଦିନେ ସୂର୍ଯ୍ୟୋଦୟ ନିଶ୍ଚିତ ହେବ ।

ଦୁଇ ବର୍ଷ ପରେ ଆମେ ହଷ୍ଟେଲକୁ ଫେରିଲୁ, କିଛି ସାଙ୍ଗଙ୍କୁ ପାଇଲୁ, କିଛି ବଡ଼ ଦିଦିମାନେ ଆଉ ଫେରି ନଥିଲେ । ଧୀରେ ଧୀରେ ଆମେ ଏବେ ସାଧାରଣ ଜୀବନଧାରାକୁ ଫେରିଲୁଣି ।

ବିଦ୍ୟାଳୟରେ ପାଠପଢ଼ା ସହ ହଷ୍ଟେଲରେ ପ୍ରତି ସପ୍ତାହରେ ମୌଜମସ୍ତି ସହ ହେଉଥିବା ଗୁଲେଚି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ନିଜକୁ ଚିହ୍ନିବା ସହ ନିଜକୁ କିପରି ସଶକ୍ତ କରିବୁ ତାହା ଶିଖୁଛୁ । ଶ୍ରେଣୀଗୃହରୁ ବାହାରେ ଗୁଲେଚି କାର୍ଯ୍ୟକ୍ରମ ଦ୍ୱାରା ସ୍ଥାପିତ ପାଠାଗାରରେ ବିଭିନ୍ନ ବହି ପଢୁଛୁ ଏବଂ ଆଲୋଚନା କରୁଛୁ । ପ୍ରତିମାସ ପାଇଁ ଉଦ୍ଦିଷ୍ଟ ଥିବା ବିଷୟବସ୍ତୁକୁ ନେଇ ଆମ ଦିଦିମାନେ ଆମକୁ ଅନେକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଉଛନ୍ତି । ସାପ୍ତାହିକ ଗୁଲେଚି କାର୍ଯ୍ୟକ୍ରମରେ ଆମେ ଶିଖୁଥିବା ବିଷୟଗୁଡ଼ିକ ନେଇ ଆମେ ନିଜର ଅନୁଭୂତି, ସ୍ୱପ୍ନ, ଆଶା, ଅକାଂକ୍ଷା, ଆଶଙ୍କା ଓ ଚିନ୍ତାଧାରାକୁ ରଚନା, ଗପ, କବିତା ଓ ଚିତ୍ର ମାଧ୍ୟମରେ ପରିପ୍ରକାଶ କରିପାରୁଛୁ ।

ସେସବୁକୁ ନେଇ ସଂକଳିତ 'ଗୁଲେଚି'ର ପ୍ରଥମ ପ୍ରକାଶନ ଚିତ୍ରଲେଖା-୧ କୋଭିଡ୍ ପୂର୍ବରୁ ପ୍ରକାଶିତ ହୋଇଥିଲା । ଏଇଥର ଦ୍ୱିତୀୟ ସଂକଳନ ଆମେ ଆମ ସହପାଠୀ ଭଉଣୀମାନେ ପୁଣିଥରେ ପ୍ରସ୍ତୁତ କରିଛୁ । ସାନ୍ତାଳୀ ଭାଷାରେ 'ଗୁଲେଚି'ର ଅର୍ଥ କାଠଚମ୍ପା । ସେଇ କାଠଚମ୍ପାର ମହକ ସମସ୍ତଙ୍କ ଜୀବନରେ ଖେଳିଯାଉ ଏବଂ ଏଇ ଗୁଲେଚି କାର୍ଯ୍ୟକ୍ରମର ପ୍ରକୃତ ଉଦ୍ଦେଶ୍ୟ ସଫଳ ହେଉ ।

ଅଭିନନ୍ଦନ ସହ

**ଶିଆଳିଆ, ପାଇକ ଡିଗିରିଆ, ଦଳୁଆ, ଭଗବତୀପୁର, ପଦ୍ମକେଶରୀପୁର ଓ ଟାଙ୍ଗିଆପଡ଼ା**
**ଆଶ୍ରମ ବିଦ୍ୟାଳୟର ଛାତ୍ରୀମାନେ**

# ସୂଚୀପତ୍ର


| | | | |
|---|---|---|---|
| ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ମୋର ଭୂମିକା | : | ଲେଖା - ମନୀଷା ମାଝି, ଚିତ୍ର - ଅପ୍ସରୀ ମାଝି | ୦୪ |
| ପ୍ଲାଷ୍ଟିକ ପ୍ରଦୂଷଣ ଓ ଏହାର ନିରାକରଣ | : | ଲେଖା - ସିନତି ପ୍ରଧାନ, ଚିତ୍ର - ଗୀତା ମଲିକ | ୦୫ |
| ଆମ ଗ୍ରାମ | : | ଲେଖା - ସର୍ମିତା ମାଝି, ଚିତ୍ର - ପ୍ରିୟଙ୍କା ମଲ୍ଲିକ | ୦୬ |
| ପରିବାର କାହିଁକି ଆବଶ୍ୟକ | : | ଲେଖା - ଝଣା ବେହେରା, ଚିତ୍ର - କୁନି ବେଶ୍ରା | ୦୭ |
| ଅନ୍ଧୁଣୀ ବୁଢ଼ୀର କାହାଣୀ | : | ଲେଖା - ସୁବତି ପ୍ରଧାନ, ଚିତ୍ର - ସୁବତି ପ୍ରଧାନ | ୦୮ |
| ଟିକି ମୋର ଗାଁ | : | ଲେଖା - ଗୀତା ମଲିକ, ଚିତ୍ର - ଗୀତା ମଲିକ | ୦୯ |
| କର୍ମ କବିତା, ଶ୍ରମ କବିତା | : | ଲେଖା - ପ୍ରିୟଙ୍କା ମଲ୍ଲିକ, ଚିତ୍ର - ଜସିତା ପ୍ରଧାନ | ୧୦ |
| ଦିପାଲିର ସ୍ୱପ୍ନ | : | ଲେଖା - ଦିପା ପରିଚ୍ଛା, ଚିତ୍ର - ଉସି ଗମାଙ୍ଗ | ୧୧ |
| ମହାମାରୀ ସଂକ୍ରମଣ, ସଚେତନତା ଓ ପ୍ରସ୍ତୁତି | : | ଲେଖା - ସୋନାଲି ମୁଣ୍ଡା, ଚିତ୍ର - ଟୁନି ପ୍ରଧାନ | ୧୨ |
| କିଶୋରୀ ଅବସ୍ଥାରେ ସ୍ୱାସ୍ଥ୍ୟଗତ ସମସ୍ୟା | : | ଲେଖା - ଶିଖା ପ୍ରଧାନ, ଚିତ୍ର - କୁମାରୀ ଚାନ୍ଦମଣୀ ମୁଣ୍ଡା | ୧୪ |
| ଲକ୍ଷ୍ମଣ ନାୟକ | : | ଲେଖା - ଜାଗ୍ୟସିନି ମଲିକ, ଚିତ୍ର - ଜାଗ୍ୟସିନି ମଲିକ | ୧୫ |
| ମୋ ସ୍ୱପ୍ନ ମୋ ନିଜ ପାଇଁ | : | ଲେଖା - ଜସିତା ପ୍ରଧାନ, ଚିତ୍ର - ଚାନ୍ଦମଣୀ ମୁଣ୍ଡା | ୧୫ |
| ସାନ୍ତାଳ ବାହାଘର | : | ଲେଖା - ଝାନ ବେଶ୍ରା, ଚିତ୍ର - କୁମାରୀ ଚାନ୍ଦୁ ସିଂ | ୧୬ |
| ବିର୍ସାମୁଣ୍ଡା | : | ଲେଖା - ଗୁନ୍‌ଗୁନ୍ ନାୟକ, ଚିତ୍ର - ଅନୀତା ସିଂ | ୧୭ |
| ସବୁଜିମାର ରାଣୀ | : | ଲେଖା - ମେନକା ମଲିକ, ଚିତ୍ର - କୁମାରୀ କୁନି ବେଶ୍ରା | ୧୮ |
| ହେବୁ ଏକ ମନ, ହେବୁ ମହାନ | : | ଲେଖା - ସନମି ମୁଠାମାଝି | ୧୯ |
| ସୁଷମ ଖାଦ୍ୟ | : | ଲେଖା - ରାଜଲକ୍ଷ୍ମୀ ସ୍ୱାଇଁ, ଚିତ୍ର - ସାରଥୀ ସାମାଡ଼ | ୨୦ |
| ବିଭିନ୍ନତାରେ ଏକତା | : | ଲେଖା - ପୁନମ୍ ମଲ୍ଲିକ, ଚିତ୍ର - ବାଲେମା ହେସା | ୨୧ |
| ଜଳ ପ୍ରଦୂଷଣ | : | ଲେଖା - କୁମାରୀ ଶ୍ୟାମଳୀ ଦିଗାଲ୍, ଚିତ୍ର - ରନିତା ମାଝି | ୨୨ |
| ଆମ ସମାଜର ଭେଦଭାବ | : | ଲେଖା - ଦୀପା ପରିଚ୍ଛା, ଚିତ୍ର - କୁମାରୀ କୁନି ବେହେରା | ୨୩ |
| ଝିଅ ବୋଝ ନୁହେଁ | : | ଲେଖା - ଜାଗ୍ୟସିନି ମଲିକ, ଚିତ୍ର - ରନିତା ମାଝି | ୨୪ |
| ଗଛ | : | ଲେଖା - ସନମି ମୁଠାମାଝୀ, ଚିତ୍ର - ସନମି ମୁଠାମାଝି | ୨୪ |
| ମୋ ଦେହ ଓ ମୋ ମନ | : | ଲେଖା - ତୁଳସୀ ମୁଣ୍ଡା | ୨୫ |
| କରୋନା ରାକ୍ଷାସ | : | ଲେଖା - ସୋନାଲି ମୁଣ୍ଡା, ଚିତ୍ର - ସୁବତି ପ୍ରଧାନ | ୨୫ |
| ଭଲ ସ୍ପର୍ଶ ଓ ଖରାପ ସ୍ପର୍ଶ | : | ଲେଖା - ସୁମିତ୍ରା ମାର୍ଣ୍ଡି, ଚିତ୍ର - ନନ୍ଦିନୀ, ପ୍ରଭାତୀ, ରନିତା, ଜୟନି | ୨୬ |
| ଖାଦ୍ୟ କାହାଣୀ | : | ଚିତ୍ର - ସନ୍ଧ୍ୟାବତୀ ମୁଣ୍ଡା, ରନିତା ମାଝି, ଜସ୍ମିତା ମାଝି | ୨୭ |
| ପ୍ରଶିକ୍ଷଣ ସମୟର ଗୁଲେଚି କାର୍ଯ୍ୟକ୍ରମ | : | | ୨୮ |

# ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ମୋର ଭୂମିକା

ଲେଖା - **ମନୀଷା ମାଝି**, ଶ୍ରେଣୀ - ସପ୍ତମ, ସରକାରୀ ଆଶ୍ରମ ବିଦ୍ୟାଳୟ, ଶିଆଳିଆ



ଚିତ୍ର - **ଅପସରୀ ମାଝି**, ଶ୍ରେଣୀ - ସପ୍ତମ, ଶିଆଳିଆ ଆଶ୍ରମ ବିଦ୍ୟାଳୟ

ଜୀବଜଗତ ବଞ୍ଚିବା ପାଇଁ ପରିବେଶ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । ମୁଁ ଏଠାରେ ବାୟୁ, ଜଳ ଓ ମୃତ୍ତିକା କିପରି ପ୍ରଦୂଷଣ ହେଉଛି ଏବଂ ବାୟୁ, ଜଳ ଓ ମୃତ୍ତିକା ପ୍ରଦୂଷଣ ହେବା ଦ୍ୱାରା ପୃଥିବୀର କ'ଣ ସବୁ କ୍ଷତି କରିଥାଏ ସେ ବିଷୟରେ ଲେଖିବି । ଆମେ ଏଇ ପୃଥିବୀରେ ବାସକରୁ । ସେହି ମାଟିକୁ ନେଇ ସବୁବେଳେ ତା' ଉପରେ ନିର୍ଭର କରିଥାଉ । ହେଲେ ସମାଜର ଲୋକମାନେ ତାହା ବୁଝି ନ ପାରି ମାଟି ବା ମୃତ୍ତିକା ଉପରେ ବିଭିନ୍ନ ରାସାୟନିକ ସାର ପ୍ରୟୋଗ କରି ତାକୁ ନଷ୍ଟ କରନ୍ତି । ପ୍ଲାଷ୍ଟିକ୍‌ଗୁଡ଼ିକୁ ବ୍ୟବହାର କରି ଏଣେ ତେଣେ ପକାଇଥାନ୍ତି । ପ୍ଲାଷ୍ଟିକ୍ ମାଟିରେ ମିଶିପାରେ ନାହିଁ । ଫଳରେ ମୃତ୍ତିକା ପ୍ରଦୂଷଣ ହେତୁ ଜଙ୍ଗଲର ମଧ୍ୟ ନାଶ ହୋଇ ଯାଉଛି । ସେଥି ମଧ୍ୟରେ ମନୁଷ୍ୟ ମଧ୍ୟ ଗଛକୁ କାଟି ପକାଉଛି । ତା'ଫଳରେ ଲୋକମାନଙ୍କର କାଠ, ଜାଳେଣି ଅଭାବ ହେବାରେ ଲାଗିଛି ଏବଂ ଏହା ସହିତ ପୃଥିବୀର ଜଳର ସ୍ତର କମିବାରେ ଲାଗିଛି ଓ ବାୟୁ ମଧ୍ୟ ପ୍ରଦୂଷଣ ହେବାର ସମ୍ଭାବନା ଅଛି । ବିଭିନ୍ନ ଯାନ ଅର୍ଥାତ୍ ବସ୍, ଟ୍ରକ୍, ବାଇକ୍ ଇତ୍ୟାଦି ବଡ଼ବଡ଼ ଯାନବାହନ ଗୁଡ଼ିକରୁ ଓ କଳକାରଖାନା ମାନଙ୍କରୁ ମଧ୍ୟ ଧୂଆଁ ବାହାରିଥାଏ । ତାହା ଚାରିଆଡ଼େ ଖେଳେଇ ହୋଇ ବାୟୁ ପ୍ରଦୂଷିତ ହୋଇଥାଏ । ସେହି ପ୍ରଦୂଷିତ ବାୟୁକୁ ଲୋକମାନେ ଶ୍ୱାସକ୍ରିୟା କରିବା ବେଳେ ତାହା ଶରୀର ଭିତରକୁ ଯାଇଥାଏ । ଫଳରେ ଲୋକମାନେ ରୋଗରେ ପୀଡ଼ିତ ହୋଇ ଜୀବନ ହରେଇ ବସନ୍ତି ।

ମାଟି ଏକ ପ୍ରାକୃତିକ ସଂପଦ । ଉଦ୍ଭିଦ ଓ ପାଣିଜଗତ ବଞ୍ଚିବା ପାଇଁ ମାଟି ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ । ଉଦ୍ଭିଦ ନିଜର ପୁଷ୍ଟି ପାଇଁ ମାଟି ତଳୁ ଜଳ ଓ ପୋଷକ ଶୋଷଣ କରେ । ଉଦ୍ଭିଦପରି ପିମ୍ପୁଡ଼ି, ଜନ୍ଦା, ଜିଆ, ହରିଣ, ହାତୀ, ମଣିଷ ଇତ୍ୟାଦି ପ୍ରାଣୀ ମଧ୍ୟ ମାଟି ଉପରେ ନିର୍ଭର କରନ୍ତି । ମାଟିକୁ ପ୍ରଦୂଷଣ କରିବା ହେତୁ ଉଦ୍ଭିଦ କମିବାରେ ଲାଗିଲାଣି । ଫଳରେ ପୃଥିବୀ ଉପରେ ସୂର୍ଯ୍ୟଙ୍କ ପ୍ରଖର କିରଣ ଅତ୍ୟଧିକ ମାତ୍ରରେ ପ୍ରଭାବ ପକାଉଛି । କୌଣସି ବିଲରେ ମଧ୍ୟ ଭଲ ଚାଷ ହେଉନାହିଁ । ଏହାର କାରଣ ହେଲା ରାସାୟନିକ ସାର ଓ ବିଷାକ୍ତ କୀଟନାଶକ ଦ୍ରବ୍ୟ ବ୍ୟବହାର ଏବଂ ପ୍ଲାଷ୍ଟିକ୍ ବ୍ୟବହାର କରୁଥିବାରୁ ମୃତ୍ତିକା ପ୍ରଦୂଷଣ ହୋଇ ମାଟି ଭିତରୁ ଜିଆ ଇତ୍ୟାଦି ମାଟି ଉପକାରୀ ଜୀବ ନାଶ ହୋଇ ଯାଆନ୍ତି ।

ସେଥିପାଇଁ ଆମେ ନିଜେ ଆମ ଚତୁଃପାର୍ଶ୍ୱକୁ ସଫାରଖିବା, ନୂତନ ଗଛ ଲଗାଇବା, ଯାନବାହନ ସଂଖ୍ୟା କମାଇବା ଏବଂ ଗଛକାଟିବା ଓ ପ୍ଲାଷ୍ଟିକ୍ ବ୍ୟବହାର କମାଇବା ଉଚିତ୍ । ଆମେ ସାରା ବିଶ୍ୱକୁ ପରିଷ୍କାର ବା ସଫା କରିପାରିବା ନାହିଁ । ହେଲେ ନିଜ ଚତୁର୍ପାର୍ଶ୍ୱରେ ଥିବା ପରିବେଶକୁ ତ ସଫା କରି ପାରିବା । ଏଣୁ ପରିବେଶ ପ୍ରଦୂଷଣ ନକରିବା ପାଇଁ ମୁଁ ପ୍ଲାଷ୍ଟିକ୍ ବ୍ୟବହାର ନକରି ନିଜେ କିଛି ତିଆରି କରି ବ୍ୟବହାର କରି ପାରିବି । ଯଥା କପଡ଼ାରେ ତିଆରି ବ୍ୟାଗ, କାଗଜରେ ଠୁଙ୍ଗା ଏସବୁ ବିଭିନ୍ନ ଜିନିଷ ପତ୍ର ରଖିବା ପାଇଁ ଏବଂ ପତ୍ରରେ ଖଲି ଓ ଠୁଙ୍ଗା ତିଆରି କରି ମୁଁ ଖାଦ୍ୟ ଖାଇ ପାରିବି ଓ ମୋ ପରିବେଶ ଚାରିପାଖରେ ବୃକ୍ଷରୋପଣ କରିପାରିବି । ଏସବୁ ମୁଁ ନିଜେ କରିପାରିବି । ଏହା ଅନ୍ୟମାନଙ୍କ ଉପରେ ପ୍ରଭାବ ପକାଇବ ଏବଂ ସେମାନେ ମଧ୍ୟ ଏହି କାର୍ଯ୍ୟ କରିବେ । ଶେଷରେ ସାରା ପୃଥିବୀ ସବୁଜିମାରେ ହସିଉଠିବ ।

# ପ୍ଲାଷ୍ଟିକ୍ ପ୍ରଦୂଷଣ ଓ ଏହାର ନିରାକରଣ

ଲେଖା - **ସିନତି ପ୍ରଧାନ**, ଶ୍ରେଣୀ - ଅଷ୍ଟମ, ସରକାରୀ ଆଶ୍ରମ ବିଦ୍ୟାଳୟ, ଟାଙ୍ଗିଆପଡ଼ା



ଚିତ୍ର - **ଗୀତା ମଳିକ**, ଶ୍ରେଣୀ - ସପ୍ତମ, ଶିଆଳିଆ ଆଶ୍ରମ ବିଦ୍ୟାଳୟ

ନାମ ସିନତି ପ୍ରଧାନ। ଶ୍ରେଣୀ ଅଷ୍ଟମ। ମୁଁ ଟାଙ୍ଗିଆପଡ଼ା ଆଶ୍ରମ ବିଦ୍ୟାଳୟର ଛାତ୍ରୀ ଅଟେ। ମୁଁ କନ୍ଧମାଳ ଜିଲାରୁ ଆସିଛି। ମୋ ଗାଁର ନାମ କଟେଡ଼ିମା। ମୁଁ ଆଜି ପ୍ଲାଷ୍ଟିକ୍ ପ୍ରଦୂଷଣ ଓ ଏହାର ନିରାକରଣ ବିଷୟରେ ଲେଖିବାକୁ ଯାଉଛି। ଏବେ ସାରା ପୃଥିବୀରେ ପ୍ଲାଷ୍ଟିକ୍‌ସବୁ ଏକ ଭୟାବହ ପ୍ରଦୂଷଣକାରୀ ପଦାର୍ଥ ରୂପେ ଦେଖାଦେଇ ଜୀବଜଗତ ପ୍ରତି ବିପଦସୃଷ୍ଟି କଲାଣି। ଏଥିପାଇଁ ଗାଇଗୋରୁଙ୍କ ଠାରୁ ଆରମ୍ଭ କରି ନଦୀ ସମୁଦ୍ରର ଜଳଜୀବମାନେ ମଧ୍ୟ ଅସମୟରେ ମୃତ୍ୟୁମୁଖରେ ପଡୁଛନ୍ତି।

ମାଟି, ପାଣି ଓ ପବନ ବର୍ତ୍ତମାନ ପ୍ଲାଷ୍ଟିକ୍ ବିଷଜ୍ୱାଳାରେ ଅଭିଶପ୍ତ। ସରକାରୀ ଆକଟ ତଥା କଟକଣା ସତ୍ତ୍ୱେ ବଢୁଛି ପ୍ଲାଷ୍ଟିକ୍‌ର ବ୍ୟବହାର। ବଜାର ସଉଦା ହେଉକି ଖାଦ୍ୟପାର୍ସଲ ଆଣିବା ସବୁଠି ପ୍ଲାଷ୍ଟିକ୍ ଜରିକୁ ଲୋକେ ପ୍ରଥମ ପସନ୍ଦ ଧରି ନେଇଛନ୍ତି। ମନୁଷ୍ୟ ବସବାସ କରୁଥିବା ସବୁ ଅଞ୍ଚଳରେ ମାଟି ଓ ଜଳରେ ଏବେ ଶହ ଶହ ମେଟ୍ରିକ୍ ଟନର ପ୍ଲାଷ୍ଟିକ୍ ଆବର୍ଜନା ଦେଖାଯାଉଛି। ସଚେତନତା ଅଭାବରୁ ସାଧାରଣ ଲୋକେ ପ୍ଲାଷ୍ଟିକ୍ ବହୁଳ ଭାବରେ ବ୍ୟବହାର କଲାପରେ ଏଣେତେଣେ ଫୋପାଡ଼ି ଦେଉଛନ୍ତି। ପ୍ଲାଷ୍ଟିକ ପାଉଚ୍, ପାଣିବୋତଲ, ଫାଇବର ବାସନକୁସନ, ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକର ଆସବାବପତ୍ର, ଏମିତିକି ଆମ ସକାଳ ଆରମ୍ଭ ହୋଇଥାଏ ପ୍ଲାଷ୍ଟିକ୍ ବ୍ରସରୁ ସକାଳେ ଦାନ୍ତଘଷିବା ସମୟରେ। ଏହିସବୁ ପ୍ଲାଷ୍ଟିକ୍‌କୁ ମାଟିରେ ଥିବା ବ୍ୟାକ୍ଟେରିଆ ନଷ୍ଟ କରିପାରନ୍ତି ନାହିଁ। ତେଣୁ ସେହି ଶ୍ରେଣୀର ପ୍ଲାଷ୍ଟିକ୍‌କୁ 'ଜୈବ ଅବକ୍ଷୟ ଅକ୍ଷମ ପ୍ଲାଷ୍ଟିକ୍' କୁହାଯାଏ। ସେହି ପ୍ଲାଷ୍ଟିକ୍ ପଦାର୍ଥଗୁଡ଼ିକ ଶହ ଶହ ବର୍ଷ ମାଟିରେ ଅକ୍ଷତ ଅବସ୍ଥାରେ ରହି ମୃତ୍ତିକାକୁ ପ୍ରଦୂଷିତ କରୁଛନ୍ତି। ଏତଦ୍‌ବ୍ୟତୀତ ବର୍ଷାଜଳ ମାଟିର ତଳସ୍ତରକୁ ଯିବାରେ ସେଗୁଡ଼ିକ ଅବରୋଧ କରିଥାନ୍ତି। ଯାହାଫଳରେ ଭୂତଳ ଜଳସ୍ତରର ପରିମାଣ କମିବାରେ ମଧ୍ୟ ଏହା ଦାୟୀ। ପ୍ଲାଷ୍ଟିକ୍‌ର ହାଲୁକା, ନମନୀୟ, ତାପର କୁପରିବାହୀ, ଶକ୍ତ, ଅଭଙ୍ଗୁର, ଦୀର୍ଘସ୍ଥାୟୀ ଆଦିଗୁଣ ଯୋଗୁ ତଥା ଧାତୁ ତିଆରି ଜିନିଷ ଠାରୁ ଏହା ଶସ୍ତା ହୋଇଥିବାରୁ ଏହାକୁ ଅଧିକ ବ୍ୟବହାର କରାଯାଉଛି।

ପ୍ଲାଷ୍ଟିକ୍ ଚା'କପ୍, ପ୍ଲେଟ୍, ଚାମଚ, ମିନେରାଲ ପାଣିବୋତଲ, ପ୍ଲାଷ୍ଟିକ ଜରି ଇତ୍ୟାଦି ହେଉଛି ଥରେ ମାତ୍ର ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ। ଯାହାକି ଆମ ପରିବେଶକୁ ସର୍ବାଧିକ କ୍ଷତି ପହଞ୍ଚାଇ ଥାଏ। ପ୍ରତିବର୍ଷ ୩୦ କୋଟି ଟନ ପ୍ଲାଷ୍ଟିକ୍ ବର୍ଜ୍ୟ ବାହାରିବା ଏକ ଚିନ୍ତାଜନକ ବିଷୟ। ଏତଦ୍ ବ୍ୟତୀତ ପ୍ରକାରାନ୍ତରେ ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁଁ ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ, ମୃତ୍ତିକା ଓ ଜଳ ପ୍ରଦୂଷଣ ଶ୍ୱାସରୋଗ ଠାରୁ ଥାଇରଏଡ୍, ହରମୋନ ଅସାମଞ୍ଜସ୍ୟତା ଓ କର୍କଟ ପରି ମାରାତ୍ମକ ରୋଗ ସୃଷ୍ଟି ହେଉଛି।

ଭାରତକୁ ତଥା ପୃଥିବୀକୁ ପ୍ଲାଷ୍ଟିକମୁକ୍ତ କରିବାପାଇଁ ତିନୋଟି ମୁଖ୍ୟ ଜିନିଷ ଉପରେ ଧ୍ୟାନ ଦେବାକୁ ପଡ଼ିବ, ସେଗୁଡ଼ିକ ହେଲା-

(୧) Reduce ଅର୍ଥାତ୍ ପ୍ଲାଷ୍ଟିକ୍‌ର ବ୍ୟବହାରକୁ କମ୍ କରିବା, କପଡ଼ା ବ୍ୟାଗଟିଏ ସବୁବେଳେ ପାଖରେ ରଖିବା, କାଚ ତଥା ଧାତବ ପାତ୍ରର ବ୍ୟବହାର କରିବା। (୨) Reuse ଅର୍ଥାତ୍ ପୁନଃ ବ୍ୟବହାର। (୩) Recycle - ଅର୍ଥାତ୍ ପୁନଃଚକ୍ରଣ ଦ୍ୱାରା ପୁନଃ ବ୍ୟବହାର କରିବା।

ସାଜସଜା ସାମଗ୍ରୀ ତିଆରି ହୋଇପାରିବ। ପ୍ଲାଷ୍ଟିକ୍‌କୁ ଏଣେତେଣେ ନଫୋପାଡ଼ି ଡଷ୍ଟବିନ୍‌ରେ ପକାଇବା ଓ ତରଳାଇ ନୂତନ ଜିନିଷ ତିଆରି କରିବା। ଗାଇଗୋରୁ ପରିବା ଚୋପା ସହ ପ୍ଲାଷ୍ଟିକ୍ ଖାଇ ରୋଗଗ୍ରସ୍ତ ହୁଅନ୍ତି। ସେଥିପ୍ରତି ସଚେତନ ହେବା, ମନଇଚ୍ଛା ପ୍ଲାଷ୍ଟିକ୍‌କୁ ପୋଡ଼ିବା ନାହିଁ କିମ୍ବା ପୋତିବା ନାହିଁ। କାଗଜଠୁଙ୍ଗା ବ୍ୟବହାର କରିବା, ପରିବା ପାଇଁ କପଡ଼ା ବ୍ୟାଗ ନେଇ ଘରୁ ବାହାରିବା, ପତ୍ର ଠୋଲାରେ ଖାଦ୍ୟ-ଖାଇବା, ତେବେ ଯାଇ ପ୍ଲାଷ୍ଟିକମୁକ୍ତ ଭାରତ ଗଠନ ସମ୍ଭବ ହେବ।

# ଆମ ଗ୍ରାମ

ଲେଖା - **ସର୍ମିତା ମାଝି**, ଶ୍ରେଣୀ - ସପ୍ତମ, ସରକାରୀ ଆଶ୍ରମ ବିଦ୍ୟାଳୟ, ଶିଆଳିଆ




ଚିତ୍ର - **ପ୍ରିୟଙ୍କା ମଲ୍ଲିକ**, ଶ୍ରେଣୀ - ଅଷ୍ଟମ, ଦଲୁଆ ଆଶ୍ରମ ବିଦ୍ୟାଳୟ

ଆମ ଗାଁର ନାମ ପାଜିଗୁଡ଼ି। ଆମ ଗାଁ ଦେଖିବାକୁ ବହୁତ ସୁନ୍ଦର। ଏହାର ପାଣି ପବନ ଅତି ଭଲ। ଉତ୍ତର ଦିଗରୁ ବହୁଥିବା ସୁଲୁସୁଲିଆ ପବନ ଦେହକୁ ଆରାମ ଲାଗେ। ଆମ ଗାଁ ପାଣି ବହୁତ ମଧୁର। ଥରେ ଯିଏ ଏ ପାଣି ପିଇଛି ଜୀବନରେ କେବେ ଭୁଲିବ ନାହିଁ। ଆମ ଗାଁର ପ୍ରାୟ ସବୁ ଘର ଛାତଘର। ଆଜବେଷ୍ଟସ୍ ଘର କମ୍ ପରିମାଣରେ ଅଛି। ଘର ଯେଉଁଥିରେ ତିଆରି ହେଲେ ବି ସବୁ ଘର ସୁନ୍ଦର ଦିଶେ। ସମସ୍ତଙ୍କ ଘରେ ବିଦ୍ୟୁତ୍ ଅଛି। ଲାଇଟ୍, ଫ୍ୟାନ୍ ସବୁ ଚାଲେ। ଆମ ଗାଁରେ ପାହାଡ଼, ଝରଣା, ନଦୀ, ପଣସ ଗଛ, ଆମ୍ବଗଛ, ଖଜୁରୀ ଗଛ, କୁସୁମ ଗଛ ଓ ତେନ୍ତୁଳି ଗଛ ଇତ୍ୟାଦି ଅଛି। ଆମ ଗାଁ ପାହାଡ଼ରେ ଗୋଟିଏ ବଡ଼ ପଥର ଅଛି; ଯାହାର ନାଁ ପେନୁକାଲି। ଏହି ପେନୁକାଲିକୁ ସବୁ ଗାଁ ଲୋକ ପୂଜା କରନ୍ତି। ଥରେ ସେଠାକୁ ଗଲେ ଆଉ ଫେରିବାକୁ ମନ ହେବନାହିଁ। ଗାଁ ଲୋକମାନେ ବିଭିନ୍ନ ପ୍ରକାର ଚାଷ କରନ୍ତି, ଯେମିତି ଧାନ, ମାଣ୍ଡିଆ, ମକା, ହଳଦୀ। ଲଙ୍କାଆମ୍ବ ଚାଷ ମଧ୍ୟ କରାଯାଏ। ଗାଁରେ ଥିବା ପାହାଡ଼କୁ ଆମେ ଶାଗ, ବାଉଁଶ କରିଡ଼ ଓ ଛତୁ ଆଣିବାକୁ ଯାଉ। ଗାଁର ଲୋକମାନେ ସମସ୍ତେ ମିଳିମିଶି ଚଳନ୍ତି। କେହି କଳିକଜିଆ କରନ୍ତି ନାହିଁ। ଛୋଟ ପିଲାମାନଙ୍କ ପାଇଁ ଗୋଟିଏ ଅଙ୍ଗନବାଡ଼ି ଅଛି। ସେଠାରେ ୧ମରୁ ୮ମ ପର୍ଯ୍ୟନ୍ତ ପଢ଼ାଯାଏ। ଅଙ୍ଗନବାଡ଼ିରେ ଗର୍ଭବତୀମାନଙ୍କୁ ଅଣ୍ଡା, ବାଦାମ, ଛତୁଆ ଇତ୍ୟାଦି ଦିଆଯାଏ।

ସବୁ ରବିବାର ଆମେ ସମସ୍ତେ ଚର୍ଚ୍ଚକୁ ଯାଉ। ଚର୍ଚ୍ଚ ଗଲାବେଳେ ସମସ୍ତେ ସୁନ୍ଦର ସୁନ୍ଦର ପୋଷାକ ପିନ୍ଧୁ। ଗାଁର ମାଆମାନେ ସମସ୍ତେ କାମ କରିବାକୁ ଯାଆନ୍ତି। ଯେଉଁଦିନ କାମକୁ ନ ଯାଆନ୍ତି ସେଦିନ ମନ ଖୁସିରେ ଗଛମୂଳରେ ପଟି ପକାଇ ହସନ୍ତି ଓ ଖୁସିରେ ଗପସପ କରନ୍ତି। ଗାଁର ସବୁ ଲୋକ ବିଭିନ୍ନ ପ୍ରକାର କାମ କରନ୍ତି ନିଜ ପେଟ ପୋଷିବା ପାଇଁ। କାମ କରି ଯାହା ରୋଜଗାର କରନ୍ତି ସେଥିରୁ ପିଲାମାନଙ୍କ ପାଇଁ ପାଠପଢ଼ାରେ ମଧ୍ୟ ଖର୍ଚ୍ଚ କରନ୍ତି। ଗାଁରେ ଆମେ ସମସ୍ତେ ମିଳିମିଶ ଚଳୁ। ବିପଦରେ ଅନ୍ୟକୁ ସାହାଯ୍ୟ କରୁ। ସହର ଠାରୁ ଆମ ଗାଁ ଦୂରରେ, କିନ୍ତୁ କିଛି ଦୋକାନ ଅଛି ଯେଉଁଠି ଆମେ ସବୁ ଜିନିଷ ପାଉ। ମୋ ଗାଁ ହେଉଛି ମୋ ଜନ୍ମଭୂମି, ମୋ ମାତୃଭୂମି। ମୋ ଗାଁ ମୋ ପାଇଁ ସ୍ୱର୍ଗ।

# ପରିବାର କାହିଁକି ଆବଶ୍ୟକ

ଲେଖା - **ଝଣା ବେହେରା,** ଶ୍ରେଣୀ - ସପ୍ତମ, ସରକାରୀ ଆଶ୍ରମ ବିଦ୍ୟାଳୟ, ଦଲୁଆ

ଆମେ ସମସ୍ତେ ପରିବାରରେ ରହିଥାଉ । ଆମ ପରିବାର ସମସ୍ତଙ୍କୁ ନେଇ ହୋଇଥାଏ । ଅଜା, ଆଈ, ବାପା, ମାମା, ଦାଦା, ଖୁଡ଼ୀ, ବଡ଼ବାପା, ବଡ଼ମାଆ, ପିଲାଛୁଆଙ୍କୁ ନେଇ ଆମ ପରିବାର ତିଆରି । ପରିବାରରେ ସମସ୍ତେ ଗୋଟିଏ ଗୃହରେ ବାସ କରନ୍ତି । ଏହାଛଡ଼ା ପିଲାର ଲାଳନ ପାଳନ କରାଯାଏ ଓ ଶିଶୁକୁ ସଦ୍‌ଗୁଣ ଶିକ୍ଷା ଦିଆଯାଏ । ପିଲା ପରିବାରରେ ରହି ସବୁ ଶିଖିଥାଏ । ପାରିବାରରୁ ହିଁ ପିଲାଙ୍କୁ ଶିକ୍ଷା ମିଳିଥାଏ । ସମସ୍ତଙ୍କ ପାଇଁ ପରିବାର ନିହାତି ଆବଶ୍ୟକ । ପରିବାରରେ ରହି ଏକାଠି କାମ କରିବା, ସବୁକଥା ମିଳିମିଶି ବୁଝିବା ଦରକାର । ପରିବାରରେ କିଛି ଅସୁବିଧା ହେଲେ ମିଳିମିଶି ସମାଧାନ କରିବା । ପରିବାରରେ ବଡ଼ମାନଙ୍କ କଥା ମାନିବାକୁ ପଡ଼ିଥାଏ । ପରିବାରରେ ସମସ୍ତେ ସମସ୍ତଙ୍କୁ ସ୍ନେହ ଆଦର କରିଥାନ୍ତି । ପରିବାର ବିନା ଜଣେ ମଣିଷ ଏକାକୀ ରହିପାରେ ନାହିଁ । ଯେପରି ବାପା ବାହାରର କାମକଲେ ଦାଦା ଘରକାମ ଦେଖିଥାଏ । ମା ଘର କାମ କଲେ ଖୁଡ଼ୀ ମଧ୍ୟ ମାଆଙ୍କୁ ସାହାଯ୍ୟ କରିଥାଏ । ପରିବାରରେ ଯାହାଙ୍କ ଦେହ ଖରାପ ହେଲେ ମିଳିମିଶି ଯତ୍ନ ନେଇ ଥାଆନ୍ତି । ପରିବାର ବିନା ଆମେ ରହିପାରିବା ନାହିଁ । ପରିବାର ଆମର ବହୁତ ଆବଶ୍ୟକ ଅଛି ।



ଚିତ୍ର - **କୁନି ବେଶ୍ରା,** ଶ୍ରେଣୀ - ସପ୍ତମ, ଦଲୁଆ ଆଶ୍ରମ ବିଦ୍ୟାଳୟ

# ଅନ୍ଧୁଣୀ ବୁଢ଼ୀର କାହାଣୀ

ଲେଖା - **ସୁବତି ପ୍ରଧାନ**, ଶ୍ରେଣୀ - ଅଷ୍ଟମ, ସରକାରୀ ଆଶ୍ରମ ବିଦ୍ୟାଳୟ, ଶିଆଳିଆ



ଗାଁ ମୁଣ୍ଡରେ ଗୋଟିଏ ଘର ଥାଏ। ଘରେ ଜଣେ ଅନ୍ଧବୁଢ଼ୀ ଏକଲା ରହେ। ବୁଢ଼ୀଟି ଅନ୍ଧ ହୋଇଥିବାରୁ ସେ ଗୋଟିଏ ଘରେ ରହିଥାଏ। ବୁଢ଼ୀର ଆଉ କେହି ନ ଥାନ୍ତି। କିନ୍ତୁ ଗାଁର ପ୍ରତ୍ୟେକ ପିଲାର ବୁଢ଼ୀ ଅତି ପ୍ରିୟ। କାରଣ ପ୍ରତ୍ୟେକ ଦିନ ସ୍କୁଲ ଛୁଟି ପରେ ବୁଢ଼ୀର ଘର ପିଣ୍ଡାରେ ବସି ଗପ ଶୁଣନ୍ତି। ବୁଢ଼ୀ ଅତି ଆଗ୍ରହ ସହ ଗପ କହେ। ଦିନେ ବୁଢ଼ୀ ବସିଥାଏ। ପିଲାମାନେ ଯାଇ ଗପ କହିବା ପାଇଁ ଜିଦ୍ କଲେ। ବୁଢ଼ୀ ଆରମ୍ଭ କଲା, ଶୁଣରେ ପିଲାଏ। ବଣରେ ଗୋଟିଏ ବଡ଼ ବାଘଟିଏ ଥାଏ। ସେ ବହୁତ ବଳବାନ। ତାକୁ ପ୍ରତ୍ୟେକ ପ୍ରାଣୀ ଜଙ୍ଗଲରେ ଡରନ୍ତି। ଦିନକର ଘଟଣା। ବାଘକୁ ବହୁତ ଜୋରରେ ଭୋକ ହେଲା। ସେ ଛେଳି ଛୁଆମାନେ ସେମାନଙ୍କ ମାଁ ସହିତ ଯାଉଥିବାର ଦେଖିଲା। ବାଘ ଭାବିଲା ଆଜି ମୁଁ ଭରପୁର ଖାଇବି, କଅଁଳ ଛେଳି ଛୁଆର ମାଂସ ଭାରି ସୁଆଦିଆ।

ବାଘ ଛେଳିକୁ କହିଲା। 'ଏ ଛେଳି ମୁଁ ତୋତେ ଖାଇବି', ଛେଳି ଡରିଗଲା। ଆଉ କହିଲା, ନା, ନା ମୋତେ ଖାଅନା। ମୁଁ ଆଗେ ମୋର ପିଲାଙ୍କ ନାମ ଦେଇ ଦେବି, ତା' ପରେ ମୋତେ ଖାଇବୁ। ପାଖରେ ଗୋଟିଏ ଚର୍ଚ୍ଚ ଘର ଥିଲା। ଛେଳି ନାଁ ଦେବାପାଇଁ ମେଁ ମେଁ କରିବାର ଶବ୍ଦ ଶୁଣି ଲୋକମାନେ ଚର୍ଚ୍ଚ ଘରୁ ବାହାରିଲେ ଆଉ ଦେଖିଲେ ବାଘ। ବାଘ ଲୋକମାନଙ୍କୁ ଦେଖି ଡରିଗଲା ଓ ପଳାଇଗଲା। ପିଲେ ଏଥିରୁ କ'ଣ ବୁଝିଲ ?

"ବଳ ଥାଇ ବୁଦ୍ଧି ନଥିଲେ କିଛି ଲାଭ ନାହିଁ।"

ଏତିକି କହି ବୁଢ଼ୀ ତା'ର ଗପ ଶେଷ କଲା। ପିଲାମାନେ ବହୁତ ଖୁସି ହେଲେ।

# ଟିକି ମୋର ଗାଁ

ଲେଖା - **ଗୀତା ମଲିକ**, ଶ୍ରେଣୀ - ସପ୍ତମ, ସରକାରୀ ଆଶ୍ରମ ବିଦ୍ୟାଳୟ, ଶିଆଳିଆ

ଟିକି ମୋର ସେଇ ଗାଁ
ଯେଉଁ ଗାଁରେ ଜନମ ଦେଇଛି ମୋର ମା'



ସବୁଜ ଭରା ବଣରେ ଯେତେ
ତା' ଲଟାଡାଳେ ଝୁଲିଛି ମୁଁ କେତେ
କି ସୁନ୍ଦର ଆହା କି ମଜାଲାଗେ
ମନେ ପଡ଼େ ଏବେ ମୋ ଗାଁ ମତେ ।
ଟିକି ମୋର ସେଇ ଗାଁ ।

ଛୋଟବେଳେ ସାଙ୍ଗସାଥି ମେଳେ ମୁହିଁ
ଖେଳୁଥିଲି ପୁଚି ଲୁଚକାଳି
ବିଦ୍ୟାଳୟ ଅପରାହ୍ନ ବେଳେଯାଇ
ଖାଉଥିଲୁ ବରକୋଳି ।
ଟିକି ମୋର ସେଇ ଗାଁ ।

ଟିକି ନଈଟିଏ ଲମ୍ବା ହୋଇ
ମଧୁର ଜଳ ଯାଉଛି ବହି
ଗୋଡ଼ ନ ଥାଇ ହାତ ନ ଥାଇ
ଯାଉଛି ଧାଇଁ ଧାଇଁ
ମନେ ପଡ଼େ ମୋ ଗାଁ ।



ଆସିଛି ଗାଁରୁ ସହରକୁ ଏବେ
ଏ ଦୁନିଆରେ ମୋ ନାଁ ଟେ ଦେବି
ମୋ ଗାଁଟିର ନାଆଁ ରଖିବି
ପାଠ ପଢ଼ି ଭଲ କବିଟେ ହେବି
ଟିକି ମୋର ସେଇ ଗାଁ ।





ଚିତ୍ର - **ଜସିତା ପ୍ରଧାନ**, ଶ୍ରେଣୀ - ସପ୍ତମ, ପାଇକତିଗିରିଆ ଆଶ୍ରମ ବିଦ୍ୟାଳୟ

# କର୍ମ କବିତା

ଲେଖା - **ପ୍ରିୟଙ୍କା ମଲ୍ଲିକ**

# ଶ୍ରମ କବିତା

ଲେଖା - **ପ୍ରିୟଙ୍କା ମଲ୍ଲିକ**

ଶ୍ରେଣୀ - ଅଷ୍ଟମ, ସରକାରୀ ଆଶ୍ରମ ବିଦ୍ୟାଳୟ, ଦଲୁଆ

**କର୍ମ କବିତା**

ସକାଳେ ଉଠି ବ୍ରସ୍ କରିବା
ହାତକୁ ଆମେ ସାବୁନ୍‌ରେ ଧୋଇବା ।
ନିଜ ଡ୍ରେସ୍‌କୁ ଆମେ ନିଜେ ସଫା କରିବା
କ୍ଲାସରୁମ୍‌କୁ ଆମେ ନିଜେ ସଫାକରିବା ।
ନଖ କାଟିବା ସ୍ୱାସ୍ଥ୍ୟ ପାଇଁ
ସ୍କୁଲ ସଫା କରିବା ଆମ ପାଇଁ ।
ସ୍କୁଲ୍ ଆସିବା ସବୁଦିନ
ଖୁସିରେ ଗାଇବା ଭଜନ ।
ସକାଳେ ଉଠି ଗାଧୋଇବା
ମୁହଁକୁ ଆମେ ସଫାରଖିବା
ଆମ ପରିବେଶ ଆମେ ସଫା ରଖିବା
ସଫା ରଖିଲେ ଭଲ ରହିବା ।
ଗୁରୁଜନମାନଙ୍କୁ ସମ୍ମାନ ଦେବା
କ୍ଲାସରୁମ୍ ଆମେ ଝାଡୁ କରିବା
ଗଛରେ ଆମେ ପାଣି ଦେବା
ଆମ ପରିବେଶ ସୁନ୍ଦର କରିବା ।
ସକାଳେ ଉଠି ପ୍ରାର୍ଥନା କରିବା
ପ୍ରାର୍ଥନା କରି ବ୍ରସ୍ କରିବା ।

**ଶ୍ରମ କବିତା**

ବାପା ମୋର କାମ କରନ୍ତି
ସେତିକିରେ ଆମ ଘର ଚଳାନ୍ତି
ମାଛ ବିକ୍ରି କରିବା
ଟଙ୍କା ଆମ ପାଇଁ ଆଣିବା
ଡ୍ରାଇଭର ଶ୍ରମ କରନ୍ତି
ସେହି ଟଙ୍କାରେ ଘର ଚଳାନ୍ତି
ସିଲେଇ କରନ୍ତି ଟଙ୍କା ପାଇଁ
ଟଙ୍କା ଆଣନ୍ତି ଆମର ପାଇଁ
ଡାକ୍ତର କାମ କରିବା
ବଟିକା କିଣି ଆଣିବା
ଲୋକେ ଅନ୍ୟ ଘରେ ରହି କାମ କରନ୍ତି
ସେହିଟଙ୍କାରେ ନିଜପିଲାଙ୍କୁ ପାଠ ପଢ଼ାନ୍ତି ।
ଶିକ୍ଷକ ଟଙ୍କା ପାଇଁ ଶ୍ରମ କରନ୍ତି
ସେଥିପାଇଁ ପିଲାମାନଙ୍କୁ ପାଠ ପଢ଼ାନ୍ତି
ପୋଲିସ୍ ଆମ ପାଇଁ ଉପକାର କରନ୍ତି
ଲୋକେ ସେଥିପାଇଁ ଖୁସି ଅନୁଭବ କରନ୍ତି
ବିଶ୍ୱାସ ଅଛି ଲେଖିକା ହେବି
ଯାହା ମୁଁ ଲେଖିଛି ମନରୁ ଭାବି ।

# ଦିପାଲିର ସ୍ୱପ୍ନ

ଲେଖା - **ଦିପା ପରିଛା**, ଶ୍ରେଣୀ - ସପ୍ତମ, ସରକାରୀ ଆଶ୍ରମ ବିଦ୍ୟାଳୟ, ଶିଆଳିଆ



ଚିତ୍ର - **ଉସି ଗମାଙ୍ଗ**, ଶ୍ରେଣୀ - ସପ୍ତମ, ଶିଆଳିଆ ଆଶ୍ରମ ବିଦ୍ୟାଳୟ

ଗୋଟିଏ ପାହାଡ଼ ଭିତରେ ସୁନ୍ଦର ପୋଖରୀଟିଏ ଥିଲା, ପୋଖରୀ ପାଖରେ ଗୋଟିଏ ଆମ୍ବଗଛ ଓ କୟାଁଗଛ ଥିଲା। ସେ ପାହାଡ଼ ପାଖରେ ପଦ୍ମପୁର ବୋଲି ଗାଁଟିଏ ଥିଲା। ସେଇ ଗାଁରେ ଦିପାଲି ବୋଲି ଗୋଟିଏ ଝିଅ ଥିଲା। ଦିପାଲି ଜନ୍ମ ହେବାର ଦୁଇ ବର୍ଷ ପରେ ତା' ପିତାଙ୍କ ମୃତ୍ୟୁ ହୋଇଗଲା। ତା' ମା କାହା ଘରକୁ ଯାଇ ବାସନ ମାଜେ ତ କାହା ଘର ପୋଛାପୋଛି କରିଦିଏ। ଏମିତି ବହୁତ ଦୁଃଖରେ ଦିପାଲିର ମା ତାଙ୍କୁ ସାନରୁ ବଡ଼ କରିଥିଲା। ମା' ନିଜେ ଭୋକରେ ରହି ଝିଅକୁ ଖାଇବାକୁ ଦେଉଥିଲା। ଦିପାଲି ଯେତେବେଳେ ବଡ଼ ହେଲା ସିଏ ତା ମା'ର ଦୁଃଖ ବୁଝିପାରିଲା, ତା ପରେ ଦିପାଲି ଧିରେ ଧିରେ ପାଠ ପଢ଼ିବାକୁ ଆଗ୍ରହ କଲା। ଦିପାଲି ଜିଦି କରି ବସିଲା ସ୍କୁଲ ଯିବା ପାଇଁ। ଦିପାଲିର ଆଗ୍ରହ ଦେଖି ତା ମା ତାକୁ ସ୍କୁଲରେ ଆଡ୍‌ମିଶନ କରିଦେଲା।

ଦିପାଲି ପାଠପଢ଼ା ସହିତ ସ୍ୱପ୍ନ ଦେଖିବାକୁ ଲାଗିଲା ସେ ଭାବିଲା, ଦିନେ ଭଲ ପାଠପଢ଼ି ଚାକିରୀଟିଏ କରିବ। ଦିପାଲି ବେଳେବେଳେ ସେ ପୋଖରୀ ପାଖକୁ ଯାଏ। ତାକୁ ପଦ୍ମଫୁଲ ବହୁତ ପସନ୍ଦ ଲାଗୁଥିଲା। ସିଏ ଆମ୍ବଗଛ ମୂଳରେ ବସି ଫୁଲକୁ ଦେଖି କବିତା ଲେଖିଦିଏ। ଏହା ଦେଖି ମା' ଭାବେ ଝିଅ କେମିତି ଭଲ ପାଠ ପଢ଼ି ଚାକିରୀଟିଏ କରିବ। ଧୀରେଧୀରେ ଦିପାଲିର ପାଠପଢ଼ା ସରିଲା। ସିଏ ଛୋଟବେଳେ ଯାହା ସ୍ୱପ୍ନ ଦେଖିଥିଲା, ବଡ଼ ହୋଇ ସିଏ ସେ ସ୍ୱପ୍ନ ସାକାର କଲା। ଦିପାଲି ଭଲ ପାଠପଢ଼ି ଭଲ ଶିକ୍ଷୟିତ୍ରୀ ହେଲା। ଏହା ଦେଖି ତା ମା ବହୁତ ଖୁସି ହେଲା। ତା'ପରେ ଦୁହେଁ ଭଲରେ ରହିଲେ।

# ମହାମାରୀ ସଂକ୍ରମଣ, ସଚେତନତା ଓ ପ୍ରସ୍ତୁତି

ଲେଖା - **ସୋନାଲି ମୁଣ୍ଡା**, ଶ୍ରେଣୀ - ଅଷ୍ଟମ, ସରକାରୀ ଆଶ୍ରମ ବିଦ୍ୟାଳୟ, ପାଇକ ତିଗିରିଆ




ଚିତ୍ର - **ଟୁନି ପ୍ରଧାନ**, ଶ୍ରେଣୀ - ଅଷ୍ଟମ, ପାଇକ ତିଗିରିଆ ଆଶ୍ରମ ବିଦ୍ୟାଳୟ

ମହାମାରୀ ଗୋଟେ ଭୟଙ୍କର ରୋଗ। ଖାଦ୍ୟସାର ଅଭାବଜନିତ ରୋଗଗୁଡ଼ିକ ଜଣେ ରୋଗଗ୍ରସ୍ତ ବ୍ୟକ୍ତିଠାରୁ ଜଣେ ସୁସ୍ଥବ୍ୟକ୍ତିକୁ ଆକ୍ରାନ୍ତ କରି ନଥାଏ। କିନ୍ତୁ ଆଉ କେତେଗୁଡ଼ିଏ ରୋଗ ଅଛି, ଯାହା ଜଣେ ସୁସ୍ଥବ୍ୟକ୍ତିକୁ ଜଳ, ବାୟୁ, ଖାଦ୍ୟ, କୀଟପତଙ୍ଗ ଏବଂ ସ୍ପର୍ଶ ଦ୍ୱାରା ଆକ୍ରାନ୍ତ କରିଥାଏ। ଏଇ ନିକଟରେ ଥିବା ମହାମାରୀର ନାମ କୋଭିଡ୍-୧୯। କୋଭିଡ-୧୯ ରୋଗ ହେବାର କାରଣ ଅପରିଷ୍କାର ରହିବା, ଖାଇବା ପୂର୍ବରୁ ହାତ ନ ଧୋଇବା, ମାସ୍କ ନ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା ନ କରିବା। ଏହା ଯୋଗୁଁ ରୋଗ ହୁଏ। କୋଭିଡ୍-୧୯ ରୋଗ ନ ହେବା ପାଇଁ ଆମକୁ କିଛିଟା ସତର୍କତା ଅବଲମ୍ବନ କରିବା। ସଂକ୍ରାମକ ରୋଗରୁ ରକ୍ଷା ପାଇବା ପାଇଁ କେତେକ ଉପାୟ। ଯଥା:- (୧) ସୂର୍ଯ୍ୟାଲୋକ ଓ ବିଶୁଦ୍ଧ ବାୟୁ, (୨) ଘର ଚତୁର୍ପାର୍ଶ୍ୱକୁ ପରିଷ୍କାର ରଖିବା, (୩) ଘୋଡ଼ାଯାଇଥିବା ଖାଦ୍ୟ ଖାଇବା, (୪) ଗରମ ପାଣି ପିଇବା (୫) ପରିଷ୍କାର ଶୌଚାଳୟ (୬) ଘୋଡ଼ଣୀ ଥିବା ଡଷ୍ଟବିନ୍, (୭) ବାରମ୍ବାର ସାବୁନ୍‌ରେ ହାତଧୋଇବା ଓ (୮) ମାସ୍କ ପିନ୍ଧିବା ଇତ୍ୟାଦି। ଆମେ ସମସ୍ତେ ଅଳ୍ପ ବହୁତ କରୋନା ମହାମାରୀ ସଂକ୍ରମଣ ସମ୍ବନ୍ଧରେ ଜାଣିଛେ। ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ହେଲା ଏହି ଭୂତାଣୁ ମହାମାରୀର ରୂପନେଇ ତାର ଭୟାବହତା ଦେଖାଇ ଚାଲିଛି। ସରକାର ଓ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ତରଫରୁ ସବୁବେଳେ ଆମକୁ କୁହାଯାଉଛି। ଆମେ ଘରୁ ବାହାରକୁ ଯାଇ ଘରକୁ ଫେରିଲେ ଆମ ହାତକୁ ସାବୁନରେ

ଧୋଇବା ଓ ଧୋଇ ହୋଇ ଯେଉଁଟା ବାହାରକୁ ପିନ୍ଧିକି ଯାଇଥିବା ସେଇଟା ଖୋଲି ସଫା କରିବା ଏବଂ ତା' ପରେ ଘରେ ପଶିବା। କରୋନା ହେଲେ ପ୍ରଥମେ ଗନ୍ଧ ବାସନା କ'ଣ ହେଉଛି ଜଣା ପଡ଼ିବନି। ଯଦି ସେମିତି ହୁଏ ତେବେ ଡାକ୍ତରଙ୍କ ପରାମର୍ଶ ନେବା।

ପ୍ରତିକାର - ଏହି ରୋଗରୁ ନିଜକୁ ରକ୍ଷା କରିବାକୁ ହେଲେ ଆମେ ପ୍ରଥମେ ସଚେତନ ହେବା ଏବଂ ଅନ୍ୟମାନଙ୍କୁ ସଚେତନ ହେବା ପାଇଁ ପରାମର୍ଶ ଦେବା।

(୧) ବାହାରକୁ ବାହାରିଲେ ମାସ୍କ ପିନ୍ଧି ବାହାରକୁ ଯିବା ଓ ସାମାଜିକ ଦୂରତା ରକ୍ଷା କରିବା।

(୨) ଘରକୁ ଫେରିଲେ ସାବୁନରେ ୨୦ ସେକେଣ୍ଡ ଯାଏଁ ହାତ ଧୋଇବା ନଚେତ୍ ଆଲକହଲ ଆଧାରିତ ସାନିଟାଇଜର ବ୍ୟବହାର କରିବା।

(୩) କାଶ ଛିଙ୍କ ସମୟରେ ନାକରେ ରୁମାଲ ବାନ୍ଧିବା ଏବଂ ଯେଉଁମାନଙ୍କୁ ଥଣ୍ଡା କାଶ ହେଉଛି ତାଙ୍କଠାରୁ ୧ ରୁ ୨ ମିଟର ରହିବାକୁ ଚେଷ୍ଟା କରିବା।

(୪) ରାଜ୍ୟ ତଥା ଦେଶ ବାହାରରୁ ଆସୁଥିବା ବ୍ୟକ୍ତି ସରକାରଙ୍କ ନିୟମ ମାନିବା।

(୫) ସାମାନ୍ୟ ଉଷୁମ ପାଣି ପାନୀୟ ଭାବେ ବ୍ୟବହାର କରିବା।

## ମୃତ୍ତିକା ପ୍ରଦୂଷଣ



ରନିତା ମାଝି

## ବାୟୁ ପ୍ରଦୂଷଣ



କୁମାରୀ କୁନି ବେହେରା

# କିଶୋରୀ ଅବସ୍ଥାରେ ସ୍ୱାସ୍ଥ୍ୟଗତ ସମସ୍ୟା

ଲେଖା – **ଶିଖା ପ୍ରଧାନ,** ଶ୍ରେଣୀ – ଷଷ୍ଠ, ସରକାରୀ ଆଶ୍ରମ ବିଦ୍ୟାଳୟ, ପାଇକ ତିଗିରିଆ



ଚିତ୍ର – **କୁମାରୀ ଚାନ୍ଦମଣୀ ମୁଣ୍ଡା,** ଶ୍ରେଣୀ – ଅଷ୍ଟମ, ପାଇକତିଗିରିଆ ଆଶ୍ରମ ବିଦ୍ୟାଳୟ

କିଶୋରୀ ଅବସ୍ଥା ୧ ୧ ରୁ ୧ ୯ ମଧ୍ୟରେ ଆସେ । ଏଇ ବୟସରେ ମନ ପରିବର୍ତ୍ତନ ହୋଇଥାଏ ଓ ସାଙ୍ଗସାଥୀମାନଙ୍କ ସହିତ ଗପସପ କରିବାକୁ ଇଚ୍ଛାହୁଏ । ପାଠ ପଢ଼ିବାରେ ମନହୁଏନାହିଁ । ଅଙ୍ଗ ପରିବର୍ତ୍ତନ ହୁଏ । କିଶୋରୀ ଅବସ୍ଥାରେ ମୁହଁରେ ବ୍ରଣ ବାହାରିଥାଏ । କିଶୋରୀ ଅବସ୍ଥାରେ ସମସ୍ତଙ୍କଠୁ ସ୍ନେହ ପାଇବାକୁ ଇଚ୍ଛା ହୋଇଥାଏ । ଚୁଟି ମଧ୍ୟ ଧୀରେ ଧୀରେ ବଢ଼ିଥାଏ । ଅନେକ ଯାଗାରେ କେଶ ଉଠିଥାଏ ଆଉ ପିରିୟଡ୍ ହେଲେ ଆମେ ବଦଳି ଥାଉ । ସାଧାରଣ ୮ ରୁ ୧୩ ବର୍ଷ ମଧ୍ୟରେ ସ୍ତନର ବୃଦ୍ଧି ଆରମ୍ଭ ହୋଇଥାଏ । ସ୍ୱର ମଧ୍ୟ ବଦଳି ଥାଏ । ଏଇ ସମୟରେ ବିଭିନ୍ନ ପ୍ରକାର ଚିନ୍ତା ମଧ୍ୟ ଆସିଥାଏ । ଏହି ସମୟରେ ଅଧିକ ଜିଦ୍ କରିଥାଉ । ଗୁରୁଜନ ଯାହା କହିଥାନ୍ତି ତାହା ଆମେ ମାନି ନଥାଉ । ଏସବୁ ପରିବର୍ତ୍ତନ ଦେଖାଦେଇଥାଏ । ଏଇ ବୟସରେ ସ୍ୱାସ୍ଥ୍ୟର ଯତ୍ନ ନେବା ଉଚିତ୍ ।

କିଶୋରୀ ଅବସ୍ଥାରେ ପରିଷ୍କାର ରହିବା
ପାଇଖାନା ଆମେ ବ୍ୟବହାର କରିବା

ଆମ ଶରୀର ବା ଯୌନାଙ୍ଗକୁ ସଫା ରଖିବା
ସଫା କନା କିମ୍ବା ପ୍ୟାଡ୍ ବ୍ୟବହାର କରିବା ।

ପ୍ରତିଦିନ ଯଥେଷ୍ଟ ପରିମାଣର ଖାଦ୍ୟ ଖାଇବା
ପ୍ରଚୁର ଭାବରେ ପାଣି ପିଇବା ।

# ଲକ୍ଷ୍ମଣ ନାୟକ

ଲେଖା - **ଜାଗ୍ୟସିନି ମଳିକ**, ଶ୍ରେଣୀ - ଅଷ୍ଟମ, ସରକାରୀ ଆଶ୍ରମ ବିଦ୍ୟାଳୟ, ଟାଙ୍ଗିଆପଡ଼ା



୨୨ ନଭେମ୍ବର ୧୮୯୯ କୋରାପୁଟ ଜିଲ୍ଲାର ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ତେନ୍ତୁଳିଗୁମ୍ମାରେ ଜନ୍ମ ଲକ୍ଷ୍ମଣ ନାୟକଙ୍କର। ସେ ଭୂୟାଁ ସଂପ୍ରଦାୟର ଥିଲେ। ସେ ଆଦିବାସୀମାନଙ୍କର ଅଧିକାର ପାଇଁ ଲଢ଼େଇ କରିଥିଲେ। ଲକ୍ଷ୍ମଣନାୟକ କୁସ୍ତି କସରତ ଓ ତୀର ଚାଳନାରେ ଥିଲେ ପାରଙ୍ଗମ। ମାତୃଭୂମି ପ୍ରତି ଥିଲା ତାଙ୍କର ଗଭୀର ମମତା। ୧୯୪୩ ମସିହା ମାର୍ଚ୍ଚ ୨୯ ବ୍ରହ୍ମପୁର ଜେଲ୍‌ରେ ସେ ଫାଶୀ ପାଇଥିଲେ।

ତାଙ୍କର ଶେଷବାର୍ତ୍ତା - ଯଦି ସୂର୍ଯ୍ୟ ଚନ୍ଦ୍ର ସତ ତେବେ ମୋ ଭାରତ ମା' ନିଶ୍ଚିତ ଦିନେନା ଦିନେ ସ୍ୱାଧୀନ ହେବ। ଏହି କଥା କହି ସେ ହସିହସି ନିଜ ଜନ୍ମଭୂମି ପାଇଁ ଫାଶୀ ଖୁଣ୍ଟରେ ଝୁଲିପଡ଼ିଲେ। ସେ ଗାନ୍ଧୀଜୀଙ୍କ ଅହିଂସା ନୀତିରେ ଅନୁପ୍ରାଣିତ ଥିଲେ। ସେ ଦଳିତଙ୍କ ପାଇଁ ସ୍ୱପ୍ନ ଦେଖୁଥିଲେ। ତାହା ସେ ସଂପୂର୍ଣ୍ଣ ଭାରତ ପାଇଁ ସ୍ୱପ୍ନ ଦେଖୁଥିଲେ। ଗାଁର କିପରି ଉନ୍ନତି ହେବ ସେ ଚିନ୍ତା କରୁଥିଲେ ଓ ସେଥିପାଇଁ ତାଙ୍କୁ ଦଳିତମାନଙ୍କର ନେତା କୁହାଯାଏ।

# ମୋ ସ୍ୱପ୍ନ ମୋ ନିଜ ପାଇଁ

ଲେଖା - **ଜସିତା ପ୍ରଧାନ**, ଶ୍ରେଣୀ - ସପ୍ତମ, ସରକାରୀ ଆଶ୍ରମ ବିଦ୍ୟାଳୟ, ପାଇକ ତିଗିରିଆ



ଚିତ୍ର - **ଚାନ୍ଦମଣୀ ମୁଣ୍ଡା**, ଶ୍ରେଣୀ - ଅଷ୍ଟମ, ପାଇକତିଗିରିଆ ଆଶ୍ରମ ବିଦ୍ୟାଳୟ

ଭିନ୍ନ ଭିନ୍ନ ଲୋକମାନଙ୍କର ଭିନ୍ନ ଭିନ୍ନ ଲକ୍ଷ୍ୟ ଥାଏ। କିଏ ଧନୀ, କିଏ ମାନସମ୍ମାନ ପାଇବା ପାଇଁ, କିଏ ନେତା ହେବାକୁ ଚାହାନ୍ତି। କିଏ ବୈଜ୍ଞାନିକ, କିଏ ଡାକ୍ତର ହୋଇ ସେବାକୁ ଜୀବନର ଲକ୍ଷ୍ୟ ଭାବରେ ଗ୍ରହଣ କରନ୍ତି। ସେହିପରି ମୁଁ ମଧ୍ୟ ଜୀବନରେ ଜଣେ ଡାକ୍ତର ହୋଇ ରୋଗୀ ତଥା ଜନସେବା କରିବାକୁ ଚାହେଁ। ତେଣୁ ମୋର ଲକ୍ଷ୍ୟ ମୁଁ ଜଣେ ଭଲ ଡାକ୍ତର ହେବି। ଏଥିପାଇଁ ଭଲ ପଢ଼ିବାକୁ ମୁଁ ସବୁବେଳେ ଦୃଷ୍ଟି ଦେଇଥାଏ। +୨ ଶ୍ରେଣୀରେ ଭଲ ନମ୍ବର ରଖି ମେଡିକାଲ କଲେଜରେ ପଢ଼ିବାକୁ ମୋର ଲକ୍ଷ୍ୟ ଅଛି। ରୋଗୀଙ୍କଠାରୁ ଅଧିକ ଫିସ୍ ନେଇ ଡାକ୍ତର ହେବାକୁ ଚାହେଁନାହିଁ। ଧନର ଲୋଭ ରହିଲେ ସେବା କରି ହୁଏନାହିଁ। ଲୋଭ ଲାଗେ ମନରେ। ଏକଥା ମୁଁ ମୋ ଶିକ୍ଷକଙ୍କଠାରୁ ଜାଣିଛି। ଉପଯୁକ୍ତ ଚିକିତ୍ସା କରିବି ଓ ରୋଗୀ ମୁହଁରେ ହସ ଫୁଟାଇବାକୁ ଚେଷ୍ଟା କରିବି। ଡାକ୍ତରଙ୍କ ଧର୍ମ ହେଲା ମଣିଷର ସେବା କରିବା। ମୁଁ ଏଥିରୁ ଓହରି ଯିବିନାହିଁ। ଡାକ୍ତର ହୋଇ ମୁଁ ପରିଶ୍ରମ କରିବି। ନୂତନ ରୋଗ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିବି। ଏହା ଫଳରେ ରୋଗୀ ସେବା ଆହୁରି ସହଜ ହୋଇପାରିବ। କୌଣସି ରୋଗୀକୁ ଦ୍ୱାର ମୁହଁରୁ ଫେରାଇ ଦେବିନାହିଁ। ଦିନରାତି ସେମାନଙ୍କର ସେବା କରିବି। ନୂତନ ତଥା ପ୍ରମାଣିତ ଔଷଧ ପାଇଁ ପରାମର୍ଶ ଦେବି। ଧନୀ ଗରିବ ବୋଲି କାହାକୁ ଭାବିବି ନାହିଁ। ମଣିଷର ସେବା ହିଁ ଈଶ୍ୱରଙ୍କ ସେବା ଭାବିବି। ମୁଁ ଚାହେଁ ମୋ ଗରିବ ଆଦିବାସୀମାନେ କିପରି ଭଲରେ ରହିବେ। ଆଉ କିପରି ସେମାନଙ୍କୁ ମାଗଣାରେ ଚିକିତ୍ସା କରିବି। ଆଉ ମୋ ଇଚ୍ଛା ସେମାନଙ୍କ ପାଇ ଅଧିକ ସୁଯୋଗ ସୁବିଧା କରିବି।

ଶେଷ କଥା - ମୋ ସ୍ୱପ୍ନ ମୋ ନିଜପାଇଁ, ମୋ ପରିବାର ପାଇଁ, ମୋ ସମ୍ପ୍ରଦାୟ ପାଇଁ।

# ସାନ୍ତାଳ ବାହାଘର

ଲେଖା – **ଝାନ ବେଶ୍ରା**, ଶ୍ରେଣୀ – ଷଷ୍ଠ, ସରକାରୀ ଆଶ୍ରମ ବିଦ୍ୟାଳୟ, ଦଲୁଆ



ଚିତ୍ର – **କୁମାରୀ ଚାନ୍ଦୁ ସିଂ**, ଶ୍ରେଣୀ – ଷଷ୍ଠ, ସରକାରୀ ଆଶ୍ରମ ବିଦ୍ୟାଳୟ, ଦଲୁଆ

ଆମ ସାନ୍ତାଳ ବାହାଘରରେ ପୁଅଘରୁ ଝିଅ ଘରକୁ ଯାଆନ୍ତି ଝିଅକୁ ଦେଖିବା ପାଇଁ । ତା'ପରେ ଝିଅ ଘର ଲୋକ ପୁଅ ଘରକୁ ଯାଆନ୍ତି ପୁଅକୁ ଦେଖିବା ପାଇଁ । ତା'ପରେ ବାହାଘର ଦିନ ଠିକ୍ କରନ୍ତି । ଗାଁର ଲୋକମାନେ ଏକାଠି ହୁଅନ୍ତି । ଗାଁର ସବୁପୁରୁଷମାନେ ନିମନ୍ତ୍ରଣ କାର୍ଡ଼ ବନାନ୍ତି । ପ୍ରଥମେ ସୂତାକୁ ଆଣି ହଳଦୀ ପାଣିରେ ବୁଡ଼ାନ୍ତି । ତା'ପରେ ସୂତାକୁ ଖରାରେ ଶୁଖାଇ ଦେବେ । ସୂତା ଶୁଖିଗଲେ ଶାଳ ପତ୍ରରେ ରଖନ୍ତି । ସେଥିରେ ଅରୁଆ ଚାଉଳ, ଦୂବଘାସ ମିଶେଇ ଶାଳପତ୍ରରେ ବାନ୍ଧି ଦିଅନ୍ତି । ତା'ପରେ ତାଙ୍କ ବନ୍ଧୁବାନ୍ଧବଙ୍କୁ ବାଣ୍ଟନ୍ତି, ଗାଁର ଲୋକମାନଙ୍କୁ ବାଣ୍ଟନ୍ତି । ବାହାଘର ତିନଦିନଆଗରୁ ସମସ୍ତେ ଆସନ୍ତି । ଗାଁର ଝିଅମାନେ ଝିଅକୁ ସଜେଇଦେବେ । ଝିଅକୁ ହଳଦିଆ ଶାଢ଼ୀ ପିନ୍ଧାନ୍ତି । ପୁଅ ଘର ଲୋକ ଆସନ୍ତି । ବାହାଘର ଆରମ୍ଭ ହୁଏ । ପୁଅକୁ କାନ୍ଧରେ ବସାନ୍ତି । ଝିଅକୁ ଝୁଡ଼ିରେ ମୁଣ୍ଡାନ୍ତି । ତାଙ୍କ ମଝିରେ ଗୋଟିଏ ଧଳା ଗାମୁଛା ଧରି ଦୁଇ ଜଣକୁ ବୁଲାନ୍ତି । ତା'ପରେ ପୁଅକୁ ତିନିଟା ଶାଳ ପତ୍ରରେ ଟିକେ ଟିକେ ସିନ୍ଦୁର ବାନ୍ଧିଦିଅନ୍ତି । ସେହି ସିନ୍ଦୁର ପୁଅ ଝିଅକୁ ତିନିଥର ଲଗାଇ ଦିଏ । ଲଗାଇ ସାରିଲା ପରେ ଝିଅ ପୁଅ ଏକାଠି ନାଚନ୍ତି । ନାଚି ସାରି ସେହିମାନଙ୍କୁ ଘରକୁ ନେଇ ଯାଆନ୍ତି । ପୁଅଘରକୁ ଯୌତୁକ ଦିଅନ୍ତି । ଝିଅକୁ ପୁଅ ଘରକୁ ନିଅନ୍ତି । ସକାଳେ ପୁଣି ଝିଅ ଘରକୁ ଆସନ୍ତି । ଝିଅ ଘର ଲୋକ ଆଉ ଗାଁର ଲୋକ ମିଶିକି ପୁଅ ଝିଅକୁ ଉପହାର ଦିଅନ୍ତି ।

# ବିର୍ସାମୁଣ୍ଡା

ଲେଖା - **ଗୁନ୍‌ଗୁନ୍ ନାୟକ**, ଶ୍ରେଣୀ - **ଷଷ୍ଠ**, ସରକାରୀ ଆଶ୍ରମ ବିଦ୍ୟାଳୟ, ପଦ୍ମକେଶରୀପୁର



ଚିତ୍ର - **ଅନୀତା ସିଂ**, ଶ୍ରେଣୀ - ଚତୁର୍ଥ

ବିର୍ସାମୁଣ୍ଡା ବର୍ତ୍ତମାନର ଝାଡ଼ଖଣ୍ଡର ଏକ ଗରିବ ପରିବାରରେ ୧୮୭୫ ମସିହାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଥିଲା ସୁଗନା ମୁଣ୍ଡା। ତାଙ୍କ ମାତାଙ୍କ ନାମ କରମା ହାଟୁ। ସୁଗନା ମୁଣ୍ଡା ଜଣେ ଶ୍ରମିକ ରୂପେ କାର୍ଯ୍ୟ କରୁଥିଲେ। ଅଳ୍ପଦିନ ପାଇଁ ବିର୍ସା ଜର୍ମାନ ମିଶନ୍ ସ୍କୁଲ୍‌ରେ ଅଧ୍ୟୟନ କରିଥିଲେ। ଦାରିଦ୍ର୍ୟବଶତଃ ଅଧ୍ୟୟନ ଜାରି ରଖିପାରି ନଥିଲେ। ପିଲାଟି ଦିନରୁ ସେ ଜଣେ ଜମିଦାରଙ୍କର ଗୋରୁ ଚରାଳି ପିଲା ରୂପେ କାର୍ଯ୍ୟ କରୁଥିଲେ। ଦିନେ ଜମିଦାର ଦେଖିଲେ ଯେ ବିର୍ସା ଗୋରୁମାନଙ୍କୁ ଧାନକ୍ଷେତରେ ଚରିବାକୁ ଛାଡ଼ିଦେଇ ଗୋଟିଏ ବହି ପଢୁଛି। ତେଣୁ ସେ ବିର୍ସାଙ୍କୁ ଚାକିରିରୁ ବାହାର କରିଦେଲେ। ଖୁବ୍ ପିଲାଟି ବେଳରୁ ବିର୍ସା କୁସଂସ୍କାରର ବିରୋଧୀ ଥିଲେ। ଥରେ କାଠ କାଟୁଥିଲାବେଳେ ତାଙ୍କ ବାମ ଗୋଡ଼ଟି କ୍ଷତବିକ୍ଷତ ହୋଇଗଲା। ସେ ଗ୍ରାମର ଜଣେ ବଇଦପାଖକୁ ଗଲେ। ଗୁଣିଆ କହିଲେ ଯେ ଗୋଟେ ମନ୍ଦ ଆତ୍ମାର ଅଭିଶାପ କ୍ଷତ ଉପରେ ଧରିଅଛି। ବିର୍ସାଙ୍କୁ ସେଥିରୁ (କ୍ଷତ) ଆରୋଗ୍ୟ ଲାଭ କରିବାକୁ ହେଲେ ଗୋଟିଏ ଛେଳି ବଳି ଦେବାକୁ ହେବ। ବିର୍ସା ତାହା କରିନଥିଲେ। ବଦଳରେ ବିର୍ସା ଲୋକଙ୍କୁ ବୁଝାଇଲେ ଯେ କୁସଂସ୍କାରକୁ ବିଶ୍ୱାସ କରନାହିଁ। ତାଙ୍କର କୁସଂସ୍କାର ବିରୋଧୀ ସ୍ୱର ଏକ ଜନ ଆନ୍ଦୋଳନର ରୂପ ନେଲା। ସେ ନିଷ୍ଠୁର ଋଣ ପ୍ରଦାନକାରୀ ମହାଜନ ଏବଂ ପୋଲିସ୍ ବିରୋଧରେ ସଂଗ୍ରାମ କରିଥିଲେ। ବିର୍ସାଙ୍କର ଅନୁଗାମୀମାନଙ୍କର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଲା। ସେମାନେ କୁସଂସ୍କାରୀ, ନିଷ୍ଠୁର କରଜଦାତା, ଜମିଦାର ଏବଂ ପୋଲିସ ବିରୋଧରେ ସଂଗ୍ରାମ କଲେ। ତାଙ୍କୁ ଏକ ଆସନ୍ନ ବିପଦବୋଲି ଚିନ୍ତାକରି ଇଂରେଜ ସରକାର ମଧ୍ୟ ଜମିଦାର ଏବଂ କରଜଦାତାମାନଙ୍କ ସହିତ ହାତ ମିଳାଇଲା। ସରକାର ଓ ବିର୍ସାଙ୍କ ସମର୍ଥକମାନଙ୍କ ମଧ୍ୟରେ ଖୁଣ୍ଟିଠାରେ ଏକ ସମରରେ ଇଂରେଜ ପୋଲିସ ବାହୀନି ପରାସ୍ତ ହେଲେ।

ବିର୍ସାଙ୍କର ଆନ୍ଦୋଳନ ଏକ ଇଂରେଜ ସରକାର ବିରୋଧୀ ଆନ୍ଦୋଳନରେ ପରିଣତ ହେଲା। ରାଞ୍ଚି ନିକଟସ୍ଥ ଡୁମାରୀ ପାହାଡ଼ଠାରେ ଏକ ଯୁଦ୍ଧରେ ଶହ ଶହ ନିରୀହ ଆଦିବାସୀ ମହିଳା ଓ ଶିଶୁଙ୍କୁ ହତ୍ୟା କରାଗଲା, କିନ୍ତୁ ପୋଲିସ୍ ବିର୍ସାଙ୍କୁ ବନ୍ଦ କରିବାରେ ବିଫଳ ହେଲା। ପ୍ରାୟ ଚାରିବର୍ଷ କାଳ ବିର୍ସା ଧରା ନଦେଇ ଇଂରେଜ ସରକାର ବିରୁଦ୍ଧରେ ସଂଗ୍ରାମ ଚାଲୁ ରଖିଲେ। ତେଣୁ ସରକାର ବିର୍ସାଙ୍କ ଧରିବା ପାଇଁ ପୁରସ୍କାର ଘୋଷଣା କଲେ।

ପୁରସ୍କାର ଘୋଷଣା କଥା ଜାଣିପାରି ଜରକେଲ ଗ୍ରାମର ନଅଜଣ ଲୋକ ବିର୍ସାଙ୍କୁ ଖୋଜିବାରେ ଲାଗିଲେ। ଦିନେ ଗାଢ଼ ଅନ୍ଧାର ରାତିରେ ସେମାନେ ଜଙ୍ଗଲର ଏକ ଛୋଟ କୁଡ଼ିଆରେ ବିର୍ସା ଶୋଇଥିଲାବେଳେ ତାଙ୍କୁ ଧରି ପକାଇଲେ। ସେତେବେଳକୁ ବିର୍ସା ପୁରାପୁରି କ୍ଳାନ୍ତ ହୋଇପଡ଼ିଥିଲେ ଏବଂ ତାଙ୍କ ଦେହ ସୁସ୍ଥ ନଥିଲା। ବିର୍ସା ତାଙ୍କ ସମର୍ଥନମାନଙ୍କୁ କହିଲେ ହତାଶ ଅନୁଭବ କରନାହିଁ ଯେ ମୁଁ ତୁମମାନଙ୍କୁ ପଛରେ ଛାଡ଼ି ପଳାଇ ଯାଉଛି। ଭାବନାହିଁ ଯେ ଏତିକିରେ ଆମର ସଂଗ୍ରାମ ଶେଷ ହୋଇଗଲା। ଆମ୍ଭେମାନେ ଆମ ସଂଗ୍ରାମ ମୃତ୍ୟୁ ପର୍ଯ୍ୟନ୍ତ ଚାଲୁରଖିବା। ଶେଷରେ କୁହାଗଲା ଯେ ବିର୍ସା ୧୯୦୦ ମସିହା ମେ ମାସ ୩୦ ତାରିଖ ରାଞ୍ଚି ଜେଲ୍‌ରେ ହଇଜାରେ ମୃତ୍ୟୁବରଣ କଲେ କିନ୍ତୁ ଅନେକ ସନ୍ଦେହ କରନ୍ତି ଯେ ଜେଲ୍‌ରେ ତାଙ୍କୁ ବିଷ ଦିଆଗଲା। ସରକାର ଏବଂ ଅନେକ ରାଜ୍ୟ ସରକାର ତାଙ୍କ ନାମରେ ଅନେକ ଅନୁଷ୍ଠାନରେ ନାମକରଣ କରିଛନ୍ତି ଯେପରିକି ବିର୍ସାମୁଣ୍ଡା ବିମାନ ବନ୍ଦର ଓ ବିର୍ସା ଯାନ୍ତ୍ରିକ ଶିକ୍ଷାନୁଷ୍ଠାନ ଇତ୍ୟାଦି।

# ସବୁଜିମାର ରାଣୀ

ଲେଖା - **ମେନକା ମଲିକ**, ଶ୍ରେଣୀ - ଅଷ୍ଟମ, ସରକାରୀ ଆଶ୍ରମ ବିଦ୍ୟାଳୟ, ଟାଙ୍ଗିଆପଡ଼ା



ଚିତ୍ର - **କୁମାରୀ କୁନି ବେଶ୍ରା**, ଶ୍ରେଣୀ - ସପ୍ତମ, ଦଳୁଆ ଆଶ୍ରମ ବିଦ୍ୟାଳୟ

ବୈଶାଖ ଆସିଲା । ଫସଲ କଟା ହେଲା ଏବଂ ଦେଖୁ ଦେଖୁ ମଣ୍ଡିରେ ପହଞ୍ଚିଗଲା । ଜିତୋକୁ ଏ ବର୍ଷ ନୂଆ ପୋଷାକ ମିଳିଲା ନାହିଁ । ବାପା କହିଲେ କି ଫସଲ କମ୍ ଉତ୍ପାଦନ ହେଲା । ଗତବର୍ଷ ଭଲବର୍ଷା ହୋଇନଥିଲା । କୁନି ଝିଅ ଜିତୋ କ'ଣ ଏକଥା ବୁଝିପାରିବ ତ ? ତା'ର ମନେ ଅଛି କି ଗତବର୍ଷ ବୈଶାଖୀ ପର୍ବରେ ବାପା ତା ପାଇଁ ରେଶମ ତିଆରି ଲହଙ୍ଗା-ଚୋଲି ତିଆରି କରାଇଥିଲେ । ମାଆର ସୁନା ଚେନ୍ ତିଆରି କରିଦେଇ ଥିଲେ । ଏ ବର୍ଷ ମାଆଙ୍କୁ ବି କିଛି ମିଳିଲା ନାହିଁ । ଜିତୋ ବାପାଙ୍କୁ କହିଲା, "ବାପା ! ମୁଁ ଏଥର ସୁନାର ବଳା ଚାହୁଁଛି ।" କେତେ ଥର ସେ ଏହା କହିବାରୁ ବାପା ରାଗରେ ଦୁଇ ଚାପୁଡ଼ା ପକାଇଲେ । ଜିତୋ କାନକୁ ଆଉଁଶି ଆଉଁଶି ବହୁତ ସମୟ ଯାଏ ବାହୁନି ବାହୁନି କାନ୍ଦିଲା । ମାଆ ଆସି ତା କପାଳରେ ଚୁମା ଦେଲେ । କହିଲେ, "ଆଲୋ ଏ ପାଗଳୀ ଜିତୋ ! ଏବେ ଆଉ କାନ୍ଦନାହିଁ । ଚୁପ୍ ହୋଇଯା । ଭଗବାନ୍ ଦୟାକଲେ ଆରବର୍ଷକୁ ତୋ ପାଇଁ ହଳେ ପାଉଁଜି ତିଆରି କରିଦେବି ।'' ତା'ପରେ ସେ କାନ୍ଦିବା ବନ୍ଦ କରି ଛିଡ଼ା ହୋଇ ବସିଲା । ଗତବର୍ଷ ତୁଳନାରେ ଏ ବର୍ଷ ପରିସ୍ଥିତି ବହୁତ ଖରାପ ଥିଲା । ଗାଆଁର ସବୁ ଚାଷୀ ସୂର୍ଯ୍ୟ ଉଦୟ ହେଉ ହେଉ ନିଦରୁ ଉଠିପଡୁଥିଲେ । ଆକାଶକୁ ଅନାଉଥିଲେ । ପୁଣି ମୁଣ୍ଡରେ ହାତ ଦେଇ ବସିପଡୁଥିଲେ । ଆକାଶ ସମ୍ପୂର୍ଣ୍ଣ ନୀଳ ଦେଖାଯାଉଥିଲା । କେତେବେଳେ କେମିତି ଆକାଶରେ ଦୁଇଚାରିଟା ବାଦଲ ଭାସି ଆସୁଥିଲେ । କିନ୍ତୁ ଚାଷୀମାନେ ଜାଣିଥିଲେ ଏହି ବାଦଲଗୁଡ଼ିକ କେବଳ ଧଳାବାଦଲ । ଏଥିରେ ପାଣିନାହିଁ । ସେମାନେ ମାଡ଼ିଆସୁଥିବା କଳାହାଣ୍ଡିଆ ମେଘ ଖୋଜୁଥିଲେ । କିନ୍ତୁ ସେପରି ବାଦଲ ଆକାଶରେ କୁଆଡ଼େ ବି ଦେଖାଯାଉ ନଥିଲା । ସେଦିନ ଜିତୋ ଜଲ୍‌ଦି ଉଠିପଡ଼ିଲା । ସେ ଦେଖିଲା ବାପା ତାର ଭିତରେ ଅଛନ୍ତି । ସେ ବଳଦଙ୍କୁ କୁଟା ଦେଉଥିଲେ । ସେ ପଚାରିଲା, "ବାପା ବିଲକୁ କ'ଣ ଯାଇନାହଁ ?" ବାପା କହିଲେ, ''ନାହିଁ ଝିଅ । ମନେ ହେଉଛି ଏ ବର୍ଷ ମଧ୍ୟ ମରୁଡ଼ି ପଡ଼ିବ ।" ଏଇ କଥା କହୁ କହୁ ବାପାଙ୍କ ଚେହେରା ଉଦାସ ହୋଇଗଲା । ସେ ମାତ୍ର ସାତବର୍ଷର କୁନି ଝିଅ ଥିଲା । କିନ୍ତୁ ସେ ଜାଣିଥିଲା ମରୁଡ଼ି ହେଲେ କ'ଣ ଅସୁବିଧା ହୁଏ । ମରୁଡ଼ିହେଲେ ଖାଦ୍ୟ ଠିକ୍ ରୂପେ ମିଳେନାହିଁ, ତା ଦେହରେ ମଇଳା ଲୁଗାପଟା ପିନ୍ଧାଯାଏ । ସେ ଚୁପ୍‌ଚାପ୍ ଘର ପଛପଟେ ଅଶ୍ୱତ୍ଥ ଗଛ ତଳେ ଯାଇ ବସିଲା । ଭାବିବାକୁ ଲାଗିଲା - ମରୁଡ଼ି କାହିଁକି ହୁଏ ?'' ବାଦଲ ତ ଆକାଶରେ ଭାସିବୁଲୁଛି । ବର୍ଷା କାହିଁକି ହେଉନାହିଁ । ବାପା ଜଳସେଚନ ପାଇଁ କୂଅ ଖୋଳୁନାହାଁନ୍ତି କାହିଁକି ? ଏତିକିବେଳେ ମାଆ ତାକୁ ଡାକୁଥିବାର ଶୁଣିଲା । ସେ ଦଉଡ଼ି ଦଉଡ଼ି ଯାଇ ମାଆଙ୍କ ପାଖରେ ପହଞ୍ଚିଲା । ଦୁଇଟି ବାସି ରୁଟି ଘରେ ପଡ଼ିଥିଲା । ତାକୁ ଖାଇ ବସ୍ତାନି ଧରି ସ୍କୁଲକୁ ଚାଲିଲା । ସ୍କୁଲରେ ମଧ୍ୟ ସେ ଭାବିଚାଲିଲା ବର୍ଷା କେମିତି ହେବ ? ସେ ଶ୍ରେଣୀଗୃହରେ ନିଜ ଶିକ୍ଷୟିତ୍ରୀଙ୍କୁ ପଚାରିଲା, "ମରୁଡ଼ି କାହିଁକି ହୁଏ ?'' ''ଯେତେବେଳେ ବର୍ଷା ହୁଏ ନାହିଁ, ସେତେବେଳେ ଫସଲ ମଧ୍ୟ ଅମଳ ହୁଏନାହିଁ । ଫସଲ ନ ହେବା ଅବସ୍ଥାକୁ ଆମେ ମରୁଡ଼ି ହୋଇଛି ବୋଲି କହୁ ।'' ଶିକ୍ଷୟିତ୍ରୀ କହିଲେ- ''ବର୍ଷା ହୁଏନାହିଁ

କାହିଁକି ?'' ଜିତୋର ଦ୍ୱିତୀୟ ପ୍ରଶ୍ନ ଥିଲା, ଶିକ୍ଷୟିତ୍ରୀ ଆକାଶ ଆଡ଼କୁ ହାତ ଉଠାଇ କହିଲେ, "ବର୍ଷା ଭଗବାନଙ୍କ ଦୟାରେ ହୁଏ।" ''ଭଗବାନ୍ କେଉଁଠି ଅଛନ୍ତି ?'' ଜିତୋ ପୁଣି ପଚାରିଲା। ଶିକ୍ଷୟିତ୍ରୀ ବିରକ୍ତ ହୋଇ ରାଗରେ କହିଲେ, ''ତୁ ବସି ପାଠ ପଢ଼। ତୋ'ର ଭଗବାନଙ୍କ ସହିତ ସଂପର୍କ କ'ଣ ?'' ''ମୋତେ ବତାଇ ଦିଅନ୍ତୁ, ମୁଁ ତାଙ୍କୁ ବର୍ଷା କରାଇବା ପାଇଁ କହିବି।" ଜିତୋର ନିରୀହ ସ୍ୱଭାବକୁ ଦେଖି ଶିକ୍ଷୟିତ୍ରୀ ହସିଦେଲେ। ସେ କହିଲେ, ''ଆଜି ମୁଁ ତୁମମାନଙ୍କୁ ଏକ ପରୀର କାହାଣୀ ଶୁଣାଇବି। ସେ ପିଲାମାନଙ୍କୁ ବହୁତ ଭଲ ପାଉଥିଲା। ତୁମେ ତାକୁ ଖୁସି କରାଇପାରିଲେ ବର୍ଷା ଆସିଯିବ।" ଏ କଥା ଶୁଣୁଶୁଣୁ ଜିତୋର ଆଖି ଉଜ୍ଜ୍ୱଳ ହୋଇଗଲା। ସେହି ଶ୍ରେଣୀରେ ବସିଥିବା ଅନ୍ୟ ଝିଅମାନେ ମଧ୍ୟ ପରୀକାହାଣୀ ଶୁଣିବା ପାଇଁ ଆଗ୍ରହୀ ହୋଇ ଉଠିଲେ। ଶିକ୍ଷୟିତ୍ରୀ ମହାଶୟା କହିଲେ, "ଥରକର କଥା। ସାରା ରାଜ୍ୟରେ ଏହିପରି ବର୍ଷା ହେଲାନାହିଁ। ମରୁଡ଼ି ପଡ଼ିଲା। ସେ ସମୟରେ ଜଣେ ସାଧୁବାବା ବୁଲି ବୁଲି ଆସି ଏକ ବସ୍ତିରେ ପହଞ୍ଚିଲେ। ଲୋକମାନେ ତାଙ୍କୁ ସାହାଯ୍ୟ କରିବାକୁ ଅନୁରୋଧ କଲେ। ସାଧୁବାବା କହିଲେ ଭାଇ ଏହି କାମ ସବୁଜିମାର ରାଣୀ ହିଁ କରିପାରିବେ। ସେ ଉପରେ ବାଦଲରେ ରହନ୍ତି। ସେ ହିଁ ମରୁଡ଼ିକୁ ସବୁଜିମାରେ ବଦଳାଇଦେଇ ପାରିବେ।" ଲୋକମାନେ ସାଧୁବାବାଙ୍କ ନିକଟରେ ଏକାଠି ହେଲେ। ସାଧୁ ଗାଇବାକୁ ଲାଗିଲେ। 'ସବୁଜପରୀ ହେ ଆସ, ତୁମକୁ ଦେବି କମଳା ଫଳରସ।' ସେ କହିବା ଅନୁଯାୟୀ ଛୋଟ ଝିଅଟିଏ ପରୀକୁ ପ୍ରାର୍ଥନା କଲା। ସେ ପ୍ରାର୍ଥନା କଲା ପରେ ବର୍ଷା ହେଲା।

ଏହି କାହାଣୀ ଶୁଣିଲା ପରେ ଜିତୋର ମନରେ କିଛିଟା ଆଶା ଦେଖାଦେଲା ଯେ ପ୍ରାର୍ଥନା କରି ବର୍ଷା କରାଯାଇପାରିବ। ଏବେ ସେ ପ୍ରତିଦିନ ଘର ପଛପଟେ ଥିବା ଅଶ୍ୱତ୍ଥ ଗଛ ତଳେ ଯାଇ ବସେ ଓ ସାଧୁବାବା କହିଥିବା ଗୀତ ଗାଏ। ଜିତୋର ମାଆବାପା ଯେତେବେଳେ ଏକଥା ଜାଣିଲେ ସେମାନେ ଭାରି ମନଦୁଃଖ କଲେ। ସେମାନେ ଚିନ୍ତା କରିବାକୁ ଲାଗିଲେ। ଜିତୋକୁ ଏମିତି କ'ଣ ହେଲା। କିଛି ଜଣାପଡୁ ନାହିଁ। ଏପଟେ ଜିତୋକୁ ସବୁଜ ପରୀଟି ଛଡ଼ା ଆଉ କିଛି ଦେଖାଯାଉ ନଥିଲା। ଏ ଭିତରେ ଦଶଦିନ ବିତିଗଲା। କିନ୍ତୁ ବର୍ଷା ହେବାର ନାହିଁ। ଏଗାର ଦିନ ଦିନ ସବୁଜିମାର ଦେବୀଙ୍କୁ ସ୍ମରଣ କରି ଜିତୋ ଶୋଇପଡ଼ିଲା। ନିଦରେ ସେ ଦେଖିଲା ଆକାଶରେ ଜଣେ ପରୀ ଉଡ଼ି ଉଡ଼ି ଆସୁଛନ୍ତି। ସେ ସବୁଜ ଲୁଗା ପିନ୍ଧିଛନ୍ତି। ତାଙ୍କର ଅଛି ସବୁଜ ଡେଣା। ମୁଣ୍ଡରେ ସେ ସବୁଜ ଟୋପି ପିନ୍ଧିଥାନ୍ତି, ସବୁଜ ଜୋତା- ତାଙ୍କ ଶରୀର ସାରା ସବୁଜ ଆଉ ସବୁଜ। ଜିତୋକୁ କିନ୍ତୁ କିଛି ଶୁଣାଯାଇ ନଥିଲା। ସେ ବର୍ଷାରେ ଭିଜୁଥିଲା। ତା'ର ମନେ ଚାହୁଁଥିଲା ସେ ଖୁବ୍ ନାଚିବ। ସବୁଜିମାର ଦେବୀ ତା' କଥା ମାନି ବର୍ଷା କରାଇଥିବାରୁ ସେ ବହୁତ ଖୁସି ହେଉଥିଲା।

## ହେବୁ ଏକ ମନ, ହେବୁ ମହାନ

ଲେଖା - **ସନମି ମୁଠାମାଝି**, ଶ୍ରେଣୀ - ଅଷ୍ଟମ,
ସରକାରୀ ଆଶ୍ରମ ବିଦ୍ୟାଳୟ, ଟାଙ୍ଗିଆପଡ଼ା

ଆଜି ଆମେ ଯେତେ ଟିକି ଟିକି ପିଲା
କାଲି ହେବୁ ଆମେ ବଡ଼ ମଣିଷ
ଆମେ ସୁଧାରିବୁ ଯେତିକି ଅଡୁଆ
ଅସାଧ୍ୟ ଆମକୁ ହୋଇବ କିସ ?
ହିନ୍ଦୁ, ମୁସ୍‌ଲିମ୍ ଇସାଇ ଶିଖ୍
ଆଗେଇ ଯିବୁରେ ଜନହିତ କାମେ
ଆମେ ତ ଆଗୁଆ ସାରା ଜଗତେ
ଆମେ ତ ଜାଣୁରେ ଗୋଟିଏ ଧରମ
ସେ ଧରମ ଖାଲି ଈଶ୍ୱର ଭକ୍ତି
ସେଥିପାଇଁ ଆମେ ତାଙ୍କର ସନ୍ତାନ
ମଣିଷକୁ ଭଲ ପାଇବି ନିତି।
ଆମେ ଜାଣୁ ଚାଲି ଗୋଟିଏ ବାଟରେ
ସେଇବାଟ ଅତି ସଳଖ ସିଧା
ସେଇଟା 'ଶାନ୍ତି' 'ଶରଧା' ରାସ୍ତା
ତହିଁ ନାହିଁ ତିଳେ ହେଲେ ବାଧା।
ସେ ବାଟରେ ନାହିଁ ରାଗ, ରୋଷ ବାଦ
ସେ ବାଟେ ରହିଛି ସୁଖ ପ୍ରଚୁର
ସବୁ ମଣିଷଙ୍କ ସ୍ନେହ ଶ୍ରଦ୍ଧା ପାଇଁ
ଆମେ ତ ସର୍ବଦା ହେବୁ ଆତୁର
କେତେ ଭଲକାମ କରିବୁ ଆମେରେ
ସବୁ କଳହକୁ ଦେବୁ ତୁଟାଇ
ସବୁରି ଆଖିରୁ ଲୁହ ପୋଛିଦେଇ
ସବୁ ଓଠ ଦେବୁ ହସ ଫୁଟାଇ।
ଆଜି ଆମେ ଯେତେ ଟିକି ପିଲା
ଆମେ ତ ଦେଖୁଛୁ କେତେ ସପନ
ଆମେ ଅଛୁଁ ଯେତେ ଦୁନିଆଁର ଶିଶୁ
ହବୁ ଏକ ମନ, ହେବୁ ମହାନ୍।

# ସୁକ୍ଷ୍ମ ଖାଦ୍ୟ

ଲେଖା – **ରାଜଲକ୍ଷ୍ମୀ ସ୍ୱାଇଁ**, ଶ୍ରେଣୀ – ଅଷ୍ଟମ, ସରକାରୀ ଆଶ୍ରମ ବିଦ୍ୟାଳୟ, ଭଗବତୀପୁର



ଚିତ୍ର – **ସାରଥୀ ସାମାଡ଼**, ଶ୍ରେଣୀ – ଅଷ୍ଟମ, ଭଗବତୀପୁର ଆଶ୍ରମ ବିଦ୍ୟାଳୟ

ଆମେ ସବୁ ପ୍ରକାର ଖାଦ୍ୟ ଆବଶ୍ୟକ ପରିମାଣରେ ଖାଇ ନ ଥାଉ। ସବୁ ପ୍ରକାର ଖାଦ୍ୟ ଆବଶ୍ୟକତା ଅନୁଯାୟୀ ନିର୍ଦ୍ଦିଷ୍ଟ ପରିମାଣରେ ଖାଇବା ଉଚିତ୍। ଏହାଦ୍ୱାରା ଦେହ ସୁସ୍ଥ ଓ ସବଳ ରହିବ। କୌଣସି ରୋଗ ହେବନାହିଁ। ତେଣୁ ବୟସ ଅନୁସାରେ ଶରୀର ପାଇଁ ଯେଉଁସବୁ ଖାଦ୍ୟ ଯେତିକି ପରିମାଣରେ ଦରକାର ହୁଏ, ସେହି ଖାଦ୍ୟଗୁଡ଼ିକର ସମଷ୍ଟିକୁ ସୁଷମ ଖାଦ୍ୟ କୁହାଯାଏ। ଏଥିରେ ଯେଉଁସବୁ ସାର ଥାଏ, ସେଗୁଡ଼ିକ ହେଲା ଶ୍ୱେତସାର, ସ୍ନେହସାର, ପୁଷ୍ଟିସାର, ଜୀବସାର, ଧାତବ ଲବଣ ଓ ଜଳ। ଭାତ, ରୁଟି, ଆଳୁ, ସୁଜି, ମକା, ଗାଜର, କନ୍ଦମୂଳ ଓ କଦଳୀ ଇତ୍ୟାଦିରେ ଶ୍ୱେତସାର ଥାଏ। ଖାଦ୍ୟ ଖାଇବା ଦ୍ୱାରା ଆମକୁ ମୁଖ୍ୟତଃ ଶକ୍ତି ମିଳିଥାଏ। ଚର୍ବି, ଲହୁଣୀ, ତେଲ, ଘିଅ, ଅଣ୍ଡା ଭିତରେ ଥିବା କେଶର ଇତ୍ୟାଦିରେ ସ୍ନେହସାର ଥାଏ। ଏହା ଶରୀରକୁ ଚିକ୍କଣ ରଖେ ଓ ଶରୀରରେ ଚର୍ବି ବୃଦ୍ଧି କରିବାରେ ସାହାଯ୍ୟ କରେ। ମାଛ, ମାଂସ, ଅଣ୍ଡା, କ୍ଷୀର, ଛେନା, ଡାଲି, ଶିମ୍ବ, ମଟର, ବୁଟ ଓ ସୋୟାବିନ୍ ଇତ୍ୟାଦିରେ ପୁଷ୍ଟିସାର ଥାଏ। ଏହା ଶରୀର ଗଠନରେ ସାହାଯ୍ୟ କରେ। ଆମେ ଖାଉଥିବା ପ୍ରତ୍ୟେକ ଖାଦ୍ୟରେ ଅତି ଅଳ୍ପ ପରିମାଣର ଏହି ବିଶେଷ ଉପାଦନ ଥାଏ, ଏହା ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ଏହାକୁ ଭିଟାମିନ୍ ବା ଜୀବସାର କହନ୍ତି। ଶାଗ, ତଟକା ପରିବା, କ୍ଷୀର, କଲିଜା, ମାଛ, ଅଣ୍ଡା, ଗଜାମୁଗ, ପିଜୁଳି, ଲେମ୍ବୁ, କରମଙ୍ଗଳ, ଜାମୁକୋଳି, କଞ୍ଚାଲଙ୍କା, ଗାଜର, ଅଁଳା ଓ ବାସି ତୋରାଣୀ ଆଦିରେ ଜୀବସାର ଅଧିକ ପରିମାଣରେ ଥାଏ। ପ୍ରତ୍ୟେକ ଖାଦ୍ୟରେ ଖଣିଜ ବା ଧାତୁସାର ଥାଏ। ଲୌହ, ଗନ୍ଧକ ଆଦି ଗୋଟିଏ ଗୋଟିଏ ପ୍ରକାର ଖଣିଜ ଲବଣ ବା ଧାତୁସାର। ଧାତୁସାରଯୁକ୍ତ ଖାଦ୍ୟ ଖାଇଲେ ଆମ ହାଡ଼ ଶକ୍ତ ହୁଏ। ଏହା ମଧ୍ୟ ରକ୍ତ ତିଆରି କରିବାରେ ସାହାଯ୍ୟ କରେ। ବିଭିନ୍ନ ପ୍ରକାର ଶାଗ, କ୍ଷୀର, ପନିପରିବା, ମୂଳା, ପିଜୁଳି, ଅଣ୍ଡା, ମାଣ୍ଡିଆ, ମକା, ମାଂସ ଓ ଚୂନା ମାଛ ଆଦିରେ ଧାତୁ ସାର ଅଧିକ ପରିମାଣରେ ଥାଏ। ଜଳ ଆମ ଶରୀର ପାଇଁ ଏକାନ୍ତ ଆବଶ୍ୟକ। ଆମେ ଖାଉଥିବା ବିଭିନ୍ନ ଖାଦ୍ୟର ସାରାଂଶ ଜଳରେ ମିଶି ରକ୍ତକୁ ଯାଏ। ତେଣୁ ଆମ ଶରୀରର ବିଭିନ୍ନ କାର୍ଯ୍ୟ ପାଇଁ ଜଳ ଆବଶ୍ୟକ। ଜଣେ ବ୍ୟକ୍ତି ଦିନକୁ ୪ ଲିଟର ବା ୧୦ ରୁ ୧୨ ଗ୍ଲାସ ପାଣି ପିଇବା ଆବଶ୍ୟକ। ଆମେ ଖାଉଥିବା ବିଭିନ୍ନ ପ୍ରକାର ଫଳ ଓ ପନି ପରିବାରେ ଜଳଥାଏ।

ଭିଟାମିନ୍ : ଏ- କ୍ଷୀର, ଲହୁଣୀ, କଲିଜା, ଅଣ୍ଡାର କେଶର, ମାଛ, ତେଲ ଓ ଲହୁଣୀରେ ଭିଟାମିନ୍ ଏ ଥାଏ। ଭିଟାମିନ : ବି – କ୍ଷୀର, ପାଉଁରୁଟି ଡାଲି, କଲିଜା, ଚିନାବାଦାମ, ଚୋକଡ଼ମିଶା ଅଟା ଓ ମାଛରେ ଭିଟାମିନ୍ ବି ଥାଏ। ଭିଟାମିନ୍ : ସି – ଲେମ୍ବୁ, କଞ୍ଚାଲଙ୍କା, ପିଜଳି, ଅଁଳା, କମଳା ଓ ତଟକା ପନିପରିବାରରେ ଭିଟାମିନ୍ ସି ଥାଏ। ଭିଟାମିନ୍ : ଡି – ମାଂସ, ଅଣ୍ଡା, ଛୋଟ ମାଛ, ଲହୁଣି ଓ କଡ଼ ଲିଭର ତେଲରେ ଭିଟାମିନ୍ ଡି ଥାଏ। ଭିଟାମିନ୍ ଏ.ବି.ସି.ଡି. ବ୍ୟତୀତ ଆମ ଖାଦ୍ୟରେ ଭିଟାମିନ୍ ଇ ଓ କେ ମଧ୍ୟ ଥାଏ। ପ୍ରତ୍ୟେକ ଭିଟାମିନ୍‌ର କାଯ୍ୟ ସ୍ୱତନ୍ତ୍ର। ଶରୀର ଓ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ଭିଟାମିନ୍ ଏକାନ୍ତ ଆବଶ୍ୟକ।

# ବିଭିନ୍ନତାରେ ଏକତା

ଲେଖା - **ପୁନମ୍ ମଲ୍ଲିକ**, ଶ୍ରେଣୀ - ପଞ୍ଚମ, ସରକାରୀ ଆଶ୍ରମ ବିଦ୍ୟାଳୟ, ଶିଆଳିଆ

ଆମ ଦେଶର ନାମ ଭାରତ। ଏହି ଭାରତରେ କୋଟିକୋଟି ଲୋକ ବାସ କରୁଛନ୍ତି। ଆମ ସମସ୍ତଙ୍କର ଚାଲିଚଳନ ଅଲଗା ଏବଂ ଭାଷା ମଧ୍ୟ ଅଲଗା। ଆମେ ବିଭିନ୍ନ ପ୍ରକାର ଭାଷାରେ କଥା ହେଉ। କେତେଜଣ ଓଡ଼ିଆରେ କଥା ହୁଅନ୍ତି। ପୁଣି ଆଉ କେତେଜଣ ବଙ୍ଗଳା, ହିନ୍ଦୀ, ତାମିଲ, ତେଲୁଗୁ ଇତ୍ୟାଦି ଭାଷାରେ କଥା ହୋଇଥାନ୍ତି। ଆମ ଦେଶରେ ବିଭିନ୍ନ ପ୍ରକାର ଧର୍ମର ଲୋକମାନେ ମଧ୍ୟ ଅଛନ୍ତି।



ଚିତ୍ର - **ବାଲେମା ହେସା**

ଆମ ଦେଶର ଜଳବାୟୁ ଓ ଭୂମିରୂପ ଭିନ୍ନ, ସେଥିପାଇଁ ଆମର ଖାଦ୍ୟ ପୋଷାକ ଓ ବେଶଭୂଷା ଭିନ୍ନ ଭିନ୍ନ। କିନ୍ତୁ ଆମେ ସମସ୍ତେ ମିଳିମିଶି ଚଳୁଛୁ ଏବଂ ଆମେ ଭିନ୍ନଜାତିର ହେଲେବି ସମସ୍ତଙ୍କ ଦୁଃଖସୁଖରେ ସାହା ହେଉ। ଆମେ ସବୁ ପର୍ବପର୍ବାଣୀକୁ ଏକାଠି ପାଳନ କରିଥାଉ। ଜଣେ ବିପଦରେ ଥିଲେ ମଧ୍ୟ ଆମେ ତାହାକୁ ସାହାଯ୍ୟ କରୁ। ଆମେ ନିଜକୁ ଗୋଟିଏ ମା ପେଟର ଝିଅ ଓ ପୁଅ ବୋଲି ଭାବିଥାଉ। ଆମେ ଯଦି ଚାଲିଚଳନରେ ବା ଜାତି ଧର୍ମରେ ଏକତା ରଖିବାନି ତାହା ହେଲେ ଆମ ଦେଶ କେବେ ଆଗକୁ ବଢ଼ି ପାରିବନି। କାରଣ ଆମେ ସମସ୍ତେ ନିଜ ନିଜ ଜାତି ଧର୍ମ ଧରି ଚାଲିବା। ଯଦି କାହା ସାଙ୍ଗରେ ମିଳାମିଶା କରିବା ନାହିଁ ବା କାହାକୁ ସାହାଯ୍ୟ କରିବା ନାହିଁ ତାହେଲେ କେବେ ଆମ ଦେଶ ଚଳି ପାରିବ ନାହିଁ ।

ଆମେ ବିଭିନ୍ନ ଜାତିର ହେଲେ ମଧ୍ୟ ଆମେ ସମସ୍ତେ ଏକତାରେ କାମ କରୁଛୁ ଜାତିଧର୍ମକୁ ବାଛବିଚାର ନକରି। ଆମ ଭିତରେ ଏତେ ଭିନ୍ନତା ଥାଇ ମଧ୍ୟ ଭାରତୀୟ ବୋଲି ପରିଚୟ ଦେଉ। ଏହାକୁ କହନ୍ତି 'ବିଭିନ୍ନତା ଭିତରେ ଏକତା'। ତେଣୁ ମୁଁ ବହୁତ ଗର୍ବ ଅନୁଭବ କରୁଅଛି ଯେମିତି ଗୋଟିଏ ବଗିଚାରୁ ବିଭିନ୍ନ ପ୍ରକାର ଫୁଲ ଆଣି ଗୋଟିଏ ମାଳରେ ଗୁନ୍ଥି ଦେଲାପରେ ତାହାକୁ ଆମେ ମାଳା ବୋଲି କହିଥାଉ। ଠିକ୍ ସେମିତି ଆମେ ଦେଶ ଭାରତର ଲୋକମାନେ ବିଭିନ୍ନ ପ୍ରକାର ଭାଷା, ଧର୍ମ ଓ ଜାତିର ଲୋକମାନେ ଥିଲେ ମଧ୍ୟ ଆମେ ସବୁ କ୍ଷେତ୍ରରେ ଏକ ହେଇଥାଉ। ଯେମିତି ଇଂରେଜମାନେ ଅତୀତକାଳରେ ଆମଦେଶକୁ ଆସି ଆମ ଦେଶବାସୀଙ୍କୁ ନିଜ ଶାସନର ଚଳାଉଥିଲେ। କିନ୍ତୁ ଆମ ଦେଶ ଭାରତର ଲୋକମାନେ ଏକତାର ସହ ସେମାନଙ୍କ ବିରୋଧରେ ଲଢ଼େଇ କରିଥିଲେ ଏବଂ ଆମ ଭାରତ ଲୋକ ମାନଙ୍କର ସାହସ, ଶକ୍ତି, ଏକତା ଥିବାରୁ ସେମାନେ ଅମ ଦେଶବାସୀମାନଙ୍କ ଠାରୁ ହାର ମାନିଗଲେ ଏବଂ ଆମ ଦେଶ ଛାଡ଼ି ଚାଲିଗଲେ। ତାପରେ ଆମେ ଆମ ସ୍ୱାଧୀନତା ପାଇଲୁ। ଆମ ଦେଶ ଭାରତର ଲୋକମାନଙ୍କ ଭିତରେ ଏକତା ଥିବାରୁ ଆମେ ଏବେ ନିଜ ଅଧିନରେ ଅଛୁ। ଏବେ ମଧ୍ୟ ଆମେ ଅନ୍ୟ ଜାତିର କି ଅନ୍ୟ ଧର୍ମରେ ହେଲେ ମଧ୍ୟ ଆମେ ସମସ୍ତେ ଏକାଠି କାମ କରୁଛୁ, ଏକାଠି ପାଠ ପଢ଼ୁଛୁ। ତେଣୁ ମୁଁ ବହୁତ ଖୁସି ଅଛି। ମୁଁ ଆଉ ବିଶେଷ କିଛି କହିବାକୁ ଚାହୁଁନି, ଆମ ଭାରତର ଲେକାମାନଙ୍କୁ ବହୁତ୍ ଧନ୍ୟବାଦ।

# ଜଳ ପ୍ରଦୂଷଣ

ଲେଖା - **କୁମାରୀ ଶ୍ୟାମଳୀ ଦିଗାଲ୍**, ଶ୍ରେଣୀ - ସପ୍ତମ, ସରକାରୀ ଆଶ୍ରମ ବିଦ୍ୟାଳୟ, ଭଗବତୀପୁର



ଚିତ୍ର - **ରନିତା ମାଝି**, ଶ୍ରେଣୀ - ସପ୍ତମ, ଶିଆଳିଆ ଆଶ୍ରମ ବିଦ୍ୟାଳୟ

ଜଳ ହିଁ ଜୀବନ । ଜଳ ବିନା ଜୀବଜଗତ ବଞ୍ଚିବା ସମ୍ଭବ ନୁହେଁ । ପ୍ରାଣୀମାନଙ୍କ ବ୍ୟବହାର ଯୋଗୁଁ ଜଳ ପ୍ରଦୂଷଣ ହେବାରେ ଲାଗିଛି । ବଡ଼ ବଡ଼ ସହରର ନର୍ଦ୍ଦମା ଜଳ, ଆବର୍ଜନା ଓ କଳ କାରଖାନାରୁ ବାହାରୁ ଥିବା ମଇଳା ଜଳରେ ମିଶିବା ଯୋଗୁଁ ଜଳ ପ୍ରଦୂଷଣ ବୃଦ୍ଧି ପାଉଛି । କୃଷିକ୍ଷେତ୍ରରେ ବ୍ୟବହୃତ ବିଭିନ୍ନ ରାସାୟନିକ ସାର ଓ କୀଟନାଶକ ଔଷଧ ଜଳରେ ମିଶିବା ଦ୍ୱାରା ଜଳ ପ୍ରଦୂଷିତ ହୁଏ । ବିଭିନ୍ନ ଘରୋଇ କାର୍ଯ୍ୟଦ୍ୱାରା ମଧ୍ୟ ଜଳ ପ୍ରଦୂଷିତ ହୋଇଥାଏ । ପ୍ରାଣୀମାନେ ଜଳକୁ ପାନୀୟ ଭାବେ ବ୍ୟବହାର କରିଥାନ୍ତି । ଦୂଷିତ ଜଳ ବ୍ୟବହାର ଯୋଗୁଁ ପ୍ରାଣୀମାନେ ବିଭିନ୍ନ ରୋଗର ଶିକାର ହେବା ସହିତ ମୃତ୍ୟୁମୁଖରେ ପଡ଼ିଥାନ୍ତି । ଏହି ଜଳ ପିଇବା ଯୋଗୁଁ ମନୁଷ୍ୟ ବିଭିନ୍ନ ଅନ୍ତନଳୀ ରୋଗ ଯଥା- ଝାଡ଼ା, ବାନ୍ତି ତଥା କାମଳ ରୋଗର ଶିକାର ହୋଇଥାଏ । ଆମ ଦେଶରେ ଦୂଷିତ ଜଳ ପିଇବା ଯୋଗୁଁ ପ୍ରତିବର୍ଷ ଲକ୍ଷ୍ୟ ଲକ୍ଷ୍ୟ ଲୋକ ମୃତ୍ୟୁମୁଖରେ ପଡ଼ିଥାନ୍ତି । ଗଙ୍ଗା ଓ ଯମୁନା ନଦୀଠାରୁ ଆରମ୍ଭ କରି ଓଡ଼ିଶାର ମହାନଦୀ ପର୍ଯ୍ୟନ୍ତ ସବୁ ବଡ଼ବଡ଼ ନଦୀର ଜଳ ଏବେ ବ୍ୟବହାର ଉପଯୋଗୀ ନୁହେଁ । ନଦୀଗୁଡ଼ିକ ସମୁଦ୍ରରେ ମିଶି ଥିବାରୁ ସମୁଦ୍ର ଜଳ ମଧ୍ୟ ପ୍ରଦୂଷିତ ହେଉଛି । ଏହା ବିଭିନ୍ନ ସାମୁଦ୍ରିକ ପ୍ରାଣୀଙ୍କ ଜୀବନ ହାନିର କାରଣ ହୋଇଛି । ଆମ ଶରୀରକୁ ସୁସ୍ଥ ରଖିବା ପାଇଁ ଶୁଦ୍ଧ ପାନୀୟ ଜଳ ବ୍ୟବହାର ନିହାତି ଆବଶ୍ୟକ । ସାଧାରଣତଃ କୂଅ ଓ ପୋଖରୀ ପାଣିରେ ବ୍ଲିଚିଂ ପାଉଡର ଓ କ୍ଲୋରିନ୍ ବଟିକା ପକାଇ ପିଇବାକୁ ହେବ । ଏହା ବ୍ୟତୀତ ପାଣିକୁ ଫୁଟାଇ ସଫା କନା ବା ଫିଲ୍ଟର ଯନ୍ତ୍ରରେ ଛାଣି ପିଇଲେ ଆମେ ବିଭିନ୍ନ ସଂକ୍ରମିତ ରୋଗରୁ ରକ୍ଷା ପାଇବା । ଜଳର ଅତ୍ୟଧିକ ବ୍ୟବହାର ତଥା ଜଳ ପ୍ରଦୂଷଣ ରୋକିବାରେ ଆମ ସମସ୍ତଙ୍କର ସହଯୋଗ ଆବଶ୍ୟକ । ଘରର ମଇଳା ପାଣିକୁ ଲୁଗାଧୂଆ, ବାସନ ମଜା ତଥା ଗାଧୁଆ ପାଣି ବଗିଚାରେ ପୁନଃ ବ୍ୟବହାର କରିବା ଉଚିତ୍ । ଜଳ ନ ଥିଲେ ଦେଶର ଲୋକମାନେ ବଞ୍ଚି ଅସମ୍ଭବ । ପାଣି ଥିଲେ ହିଁ ଆମେ ଦେଶକୁ ରକ୍ଷା କରିପାରିବା । ଆମ ବଗିଚା ପାଖରେ ମଧ୍ୟ ସଫା ସୁତୁରା ସହ ବୃକ୍ଷଲତାକୁ ରକ୍ଷା କରି ପାରିବା ।

# ଆମ ସମାଜର ଭେଦଭାବ

ଲେଖା – **ଦୀପା ପରିଚ୍ଛା**, ଶ୍ରେଣୀ – ସପ୍ତମ, ସରକାରୀ ଆଶ୍ରମ ବିଦ୍ୟାଳୟ, ଶିଆଳିଆ



ଚିତ୍ର – କୁମାରୀ କୁନି ବେହେରା,
ଦଳୁଆ ଆଶ୍ରମ ବିଦ୍ୟାଳୟ

ଆମ ସମାଜରେ ଅନେକ ଲେକ ଅଛନ୍ତି। କିଏ ଧନୀ ତ, କିଏ ଗରିବ। ସମସ୍ତଙ୍କର ବ୍ୟବହାର ସମାନ ହୋଇନଥାଏ। ସେଥିରେ ଅନେକ ଧର୍ମ ମଧ୍ୟ ଅଛି। ସେମାନେ ମଧ୍ୟ ଆମ ସମାଜରେ ବସବାସ କରନ୍ତି। ସମସ୍ତଙ୍କୁ ନେଇ ଆମ ସମାଜ ଗଠିତ ହୋଇଛି। ସେଇ ସମାଜରେ ଭେଦଭାବ ହିଂସା, କ୍ରୋଧ, ଲାଳସା ମଧ୍ୟ ଅଛି ଓ ଧନୀ ଲୋକମାନେ ବଡ଼ ବଡ଼ ଘର କରି ରହନ୍ତି। ସେମାନେ କାର୍, ବାଇକ୍, ଇତ୍ୟାଦି କିଣି ସେଥିରେ ଯିବା ଆସିବା କରନ୍ତି। ସେମାନେ ତଳେ ବସି କୌଣସି ବି ଜିନିଷ ଖାଇବାକୁ ଇଚ୍ଛା କରନ୍ତି ନାହିଁ। ଦିନକୁ ପାଞ୍ଚ ଛ' ଥର କଫି ପିଅନ୍ତି। ସବୁବେଳେ ଭଲମନ୍ଦ ଖୋଜନ୍ତି। ଘର ସଫା କରିବା ପାଇଁ ଓ ରୋଷେଇ କରିବା ପାଇଁ ତିନି ଚାରୋଟି ଚାକର ରଖିଥାନ୍ତି। ଧନୀଲୋକମାନେ ପରିଶ୍ରମ କରିବାକୁ କୁଆଡ଼େ ଯାଆନ୍ତି ନାହିଁ। କିନ୍ତୁ ଗରିବ ଲୋକମାନେ ଛୋଟ ଛୋଟ କୁଡ଼ିଆ ଘରେ ରହନ୍ତି। ସେମାନେ ପାଖ ଜାଗାକୁ ଗଲେ ପାଦରେ ଚାଲିକି ଯାଆନ୍ତି। ଯଦି ସେମାନଙ୍କ ପାଖରେ ପଇସା ଥାଏ, ଦୂର ଗାଁ ରାସ୍ତା ହେଲେ ବସ୍‌ରେ ଯାଆନ୍ତି। ସେମାନେ ପରିଶ୍ରମ କରି ଯେତିକି ରୋଜଗାର କରିଥାନ୍ତି, ସେତିକିରେ ନିଜ ପରିବାରକୁ ପୋଷନ୍ତି, କେତେବେଳେ ପଖାଳ ତ, କେତେବେଳେ ବାସିତୋରାଣୀ ଖାଇକି ରହନ୍ତି। ଗରିବମାନେ ଭଲମନ୍ଦ ଖୋଜନ୍ତି ନାହିଁ। ସେମାନେ ବିଲବାଡ଼ିରେ ପନିପରିବା, ଫୁଲଫଳଗୁଡ଼ିକ ଚାଷ କରନ୍ତି। ଗରିବମାନେ ନିଜ କାମ ନିଜେ କରନ୍ତି, ସେମାନେ କାହା ଉପରେ ନିର୍ଭର କରନ୍ତି ନାହିଁ। ସେମାନେ ଛିଣ୍ଡା କନ୍ଥା ହେଲେ ମଧ୍ୟ ସେଥିରେ ଶୁଅନ୍ତି। ସେମାନେ ସବୁବେଳେ ଭାବୁଥାନ୍ତି ଯେ, ରାତିଟା କେମିତି କଟି ସକାଳ ହେବ ପୁଣି ଆମେ ବାହାରିଯିବୁ କାମକୁ। କାରଣ ଯେଉଁ ମଣିଷ ସବୁବେଳେ କାମ କରୁଥାଏ ସେ ଯଦି ଗୋଟିଏ ଦିନ ରହିଯିବ ତା ହେଲେ ତାକୁ ଭଲ ଲାଗିବ ନାହିଁ। ଗରୀବ ଲୋକଙ୍କ ମନରେ ଦୟା, କ୍ଷମା, ସ୍ନେହ, ମମତା ଭରି ରହିଥାଏ। କିନ୍ତୁ ଧନୀ ଲୋକଙ୍କ ମନରେ ସେ ସବୁ ନଥାଏ। ସେମାନେ ତ ପ୍ରତିଟି ମୁହୂର୍ତ୍ତରେ ନିଜ କଥା ହିଁ ଭାବନ୍ତି।

ଏ ସଂସାରରେ ଆଉ ଗୋଟିଏ ଜିନିଷ, ସେ ଧନୀ ହେଉ ବା ଗରିବ, ଝିଅକୁ ଘର କାମ କରିବାକୁ, ଆଉ ପୁଅକୁ ପାଠ ପଢ଼ିବାକୁ ଛାଡୁଛନ୍ତି। ବାପା, ମା ସବୁବେଳେ ଭାବନ୍ତି ଯେ, ପୁଅ ବଡ଼ ହେଲେ ଆମ୍ଭମାନଙ୍କୁ ଭବିଷ୍ୟତରେ ଦେଖିବ ବୋଲି। କିନ୍ତୁ ସେମାନଙ୍କ ଭାବନା ଭୁଲ୍‌ଥାଏ। ବାପା, ମା ଯେଉଁ ଝିଅକୁ ଘରେ ରଖି କାମ କରାଉଛନ୍ତି, ଭବିଷ୍ୟତରେ, ସେଇ ଝିଅ ହିଁ ସେମାନଙ୍କର ଭଲମନ୍ଦ ବୁଝୁଥାଏ। ଆଉ ଯେଉଁ ପୁଅକୁ ପାଠ ପଢୁ ବୋଲି ଛାଡ଼ିଥାନ୍ତି, ସେ ପୁଅ ବାପା, ମା'ଙ୍କୁ ଗୋଇଠା ମାରିଥାଏ। ଏ ସମାଜରେ ପୁଅ, ଝିଅର ସମାନ ଅଧିକାର ଅଛି। ସେଥିରେ ଯଦି ଭେଦଭାବ ରହିବ, ତା ହେଲେ ଆଗକୁ ଉନ୍ନତି ହେବାଟା କମିଯାଇ ପାରେ ତେଣୁ ସମାଜରେ ପୁଅ ଝିଅକୁ ସମାନ ଅଧିକାର ମିଳିବା ଉଚିତ୍।

# ଝିଅ ବୋଝ ନୁହେଁ

ଲେଖା – **ଜାଗ୍ୟସିନି ମଲିକ**, ଶ୍ରେଣୀ – ଅଷ୍ଟମ
ସରକାରୀ ଆଶ୍ରମ ବିଦ୍ୟାଳୟ, ଟାଙ୍ଗିଆପଡ଼ା

ସଞ୍ଜ ହୋଇଗଲା, ଏବେ ବୁଲାଇବାକୁ ନିଅ ବାପା
ଚାଲୁ ଚାଲୁ ଥକିଗଲି, କାନ୍ଧରେ ବସାଅ ବାପା
ଅନ୍ଧାରକୁ ଡରୁଛି, ଛାତିରେ ଲଗାଇ ଦିଅ ବାପା
ମା'ତ ଶୋଇଗଲାଣି
ପିଠି ଥାପୁଡ଼ାଇ ଶୁଆଇଦିଅ ବାପା
ସ୍କୁଲ ପଢ଼ା ତ ସରିଗଲା
ଏବେ କଲେଜ ଯିବାକୁ ଦିଅ ବାପା।
ପାଳି ପୋଷି ବଡ଼ କଲ
ଏବେ ବିଚ୍ଛେଦ ହେବାକୁ ଦିଅନା ବାପା
ସବାରିରେ ବସାଇ ତ' ଦେଲ
ଲୁହ ଆଉ ଝରାଅନା ବାପା।
ତୁମ ହସଟା ବହୁତ ଭଲ
ଥରେ ମାତ୍ର ହସିଦିଅ ବାପା
ତୁମେ ମୋର ସବୁକଥା ମାନିଲ
ଆଉ ଗୋଟେ ମାନିଯାଅ ବାପା
ଏ ସଂସାରରେ ବୋଝ ନୁହେଁ ମୁଁ
ଦୁନିଆକୁ ବୁଝାଇଦିଅ ବାପା।



ଚିତ୍ର – **ରନିତା ମାଝି**, ଶ୍ରେଣୀ – ସପ୍ତମ
ଶିଆଳିଆ ଆଶ୍ରମ ବିଦ୍ୟାଳୟ

# ଗଛ



ଲେଖା – **ସନମି ମୁଠାମାଝି**
ଶ୍ରେଣୀ – ଅଷ୍ଟମ
ସରକାରୀ ଆଶ୍ରମ ବିଦ୍ୟାଳୟ, ଟାଙ୍ଗିଆପଡ଼ା

କଅଁଳ ସକାଳେ ସୂରୁଜ ଦେବତା
ମୁରୁଜ ପକାଏ ନାଲି କିରଣେ
ଶୀତଳ ପବନ ଦୋହଲାଇ ଦିଏ
ହସିଲା ଫୁଲକୁ ମହୁଲ ବନେ।

କଜଳପାତିଟି ସରାଗରେ ଡାକେ
ସାଥୀ ତାର କାହିଁ କହିଲା ଦୂରେ
ବହଳ ବଉଳ ପତର ଗହଳେ
ରାଗିଣୀ ଛାଡ଼ିଛି କରୁଣ ସୁରେ।

କୁଲୁକୁଲୁ ନାଦେ ବହୁଛି ଝରଣା
ଗୁଣୁଗୁଣୁ ଶୁଭେ ଭ୍ରମର ଗୀତ
କାବତା ଡାକୁଚି ଅତି ବିକଳରେ
କେତେ ଦୂରେ ରହିଗଲା ତା ମିତ
କାକର ପଖଳା ସବୁଜ ଗଛଟି
ପତର ହଲାଇ କହୁଛି ସତେ।



ଏ ବନେ ରହିଛି ଯେତେ ଶୋଭା ଶିରୀ
କାହିଁ ନାହିଁ ଆଉ ସାରା ଜଗତେ
ଗୋଟିଏ ଗଛକୁ କୋଟିନିଧି କରି
ସାଇତି ରଖିବି କରିଚି ପଣ
ସାରା ଦୁନିଆରେ ମଣିଷ ଜାତିର
ଗଛପରି ବନ୍ଧୁ କେ ଅଛି ଆଜ।



# ମୋ ଦେହ ଓ ମୋ ମନ

ଲେଖା – **ତୁଳସୀ ମୁଣ୍ଡା**, ଶ୍ରେଣୀ – ସପ୍ତମ
ସରକାରୀ ଆଶ୍ରମ ବିଦ୍ୟାଳୟ, ପଦ୍ମକେଶରୀପୁର

ମୋର ମନ ଉଡ଼ିଯାଏରେ
ମନ ଉଡ଼ି ଉଡ଼ି ଯାଏରେ
ଦେହ, ମନକୁ ଆମେ ଭଲ ରଖିବା
ସବୁଜ ପନିପରିବା, ଆମେ ଖାଇବା
ତା ସାଥିରେ ସ୍ନେହସାର, ଖଣିଜ ଲବଣ ଭରିବା
ଶ୍ୱେତସାର, ପୁଷ୍ଟିସାରକୁ ସାଙ୍ଗେ ଧରିବା ।
ତା'ପରେ କ'ଣ ହେବ ପିଲାମାନେ ଜାଣିଛ !
ଦେହ ଭଲ ହୋଇଯିବରେ,
ମନ ଉଡ଼ି ଉଡ଼ି ଯିବରେ,
ନିଜ ଆଖପାଖ ଆମେ ପରିଷ୍କାର ରଖିବା,
ଅଳିଆ ଆବର୍ଜନାକୁ ସଫା କରିବା ।
ଖାଲିଜାଗାରେ ଆମେ ବୃକ୍ଷ ପୋତିବା
ମଳମୂତ୍ର ପାଇଁ ଶୌଚାଳୟ ନିଶ୍ଚେ ଗଢ଼ିବା
ତାପରେ କ'ଣ ହେବ ଜାଣିଛ ପିଲାମାନେ !
ଏ ମନ ଝୁମି ଝୁମି ଯିବରେ ।
ମନ ଉଡ଼ି ଉଡ଼ି ଯିବରେ
ମନ ଉଡ଼ି ଉଡ଼ି ଯିବରେ
ଗୁରୁଜନେ ଆମେ ମୁଣ୍ଡ ପୋତିବା
ସାଙ୍ଗ ସାଥୀ ମେଳେ ରହି ଖୁସି ବାଣ୍ଟିବା
ମିଥ୍ୟାଠାରୁ ସଦା ଦୂରେ ରହିବା
ହିନ୍ଦୁ, ମୁସଲିମ୍, ଶିଖ୍ ଏକ ହୋଇବା
ତା'ପରେ କ'ଣ ହେବ ଜାଣିଛ ପିଲାମାନେ !
ମନ ଖାଲି ଖୁସି ହୋଇଯିବ ରେ
ଖୁସି ହୋଇ ହୋଇ ଯିବରେ
ଖୁସି ହୋଇ ହୋଇ ଯିବରେ
ଆଉ ମନ ଖୁସିହେଲେ
ଦେହ ବି ଆମର ଭଲ ହୋଇଯିବ । ତାପରେ
ମନ ଉଡ଼ି ଉଡ଼ି ଯିବରେ....

# କରୋନା ରାକ୍ଷସ

ଲେଖା – **ସୋନାଲି ମୁଣ୍ଡା**, ଶ୍ରେଣୀ – ଅଷ୍ଟମ,
ସରକାରୀ ଆଶ୍ରମ ବିଦ୍ୟାଳୟ, ପାଇକ ତିଗିରିଆ

କରୋନା ଭାଇରେ କରୋନା ଭାଇ
କେଉଁଠୁ ଆସିଲୁ କହୁନୁ କାହିଁ ।
ଜନ ଗହଳି କୁ ଯିବା ନାହିଁ
କରୋନାକୁ ଆମେ ଡାକିବା ନାହିଁ ।
ପାଟି ଓ ନାକକୁ ସ୍ପର୍ଶ ନ କରିବା
ହାତକୁ ଆମେ ବାରମ୍ବାର ଧୋଇବା ।
ବାହାରକୁ ବାହାରିଲେ ମାସ୍କ ପିନ୍ଧିବା
୨ ମିଟର ଦୂରତା ବଜାଇ ରଖିବା ।
କରୋନା ଆସିଲା ପୃଥିବୀକୁ ଧାଇଁ
ପାଠ ପଢ଼ିବାକୁ ଦେଲା ନାହିଁ ।
କରୋନା ସହିତ ଡାକ୍ତର କଲେ ଲଢ଼େଇ
ଭଗବାନ ଭଳି ଆମକୁ ଦେଲେ ବଞ୍ଚାଇ ।
କରୋନାକୁ ଆମେ ଡରିବା ନାହିଁ
କରୋନା ସହ କର ଲଢ଼େଇ ।
ଲୋକଙ୍କୁ ଶତ୍ରୁ କଲା କରୋନା
ଯାହାର ଉତ୍ପତ୍ତିସ୍ଥଳ ଚାଇନା ।




ଚିତ୍ର – **ସୁବତି ପ୍ରଧାନ**, ଶ୍ରେଣୀ – ଅଷ୍ଟମ
ଶିଆଳିଆ ଆଶ୍ରମ ବିଦ୍ୟାଳୟ

# ଭଲ ସ୍ପର୍ଶ ଓ ଖରାପ ସ୍ପର୍ଶ

ଲେଖା - **ସୁମିତ୍ରା ମାର୍ଣ୍ଡି**, ଶ୍ରେଣୀ - ଷଷ୍ଠ, ସରକାରୀ ଆଶ୍ରମ ବିଦ୍ୟାଳୟ, ପଦ୍ମକେଶରୀପୁର

ସ୍କୁଲରେ କ୍ରୀସ୍‌ମାସ ଛୁଟି ଆଉ ଅଳ୍ପଦିନ ଥାଏ । ସୁମିର ମନଟା ଖୁସିରେ ନାଚି ଉଠୁଥାଏ । ଘରକୁ ଯିବ, ଧାନ ବିଲରେ ଧାନ ସବୁ ପାଚିକି ସୁନାର ଚାଦର ଭଳି ଦିଶୁଥିବ । ୨୦ ତାରିଖ ସକାଳୁ ତା' ବା' ଆସି ପହଞ୍ଚିଲା । ସୁମୀର ପାଦ ତଳେ ଲାଗୁନଥାଏ । ଖରାବେଳକୁ ଯାଇ ପହଞ୍ଚିଗଲେ । ଜଙ୍ଗଲିଆ ରାସ୍ତାରେ ବାପ, ଝିଅ ଚାଲିଥାନ୍ତି । ବଣ ଭିତରକୁ ଡେଇଁ ଡେଇଁ ବଣ ଅଁଳା ତୋଳିକି ଖାଇଲା ।

ଯାଉ ଯାଉ ମା' ତରବର ହେଇ ହାତ ଶାଗ ଶୁଖୁଆ ଭାତ ବାଢ଼ିଦେଲା । ମନଟା ତା'ର ତୃପ୍ତି ହୋଇଗଲା । ଗାଁ ଆଡ଼େ ଘୂରି ବୁଲି ଆସିଲା, ଘରେ ଘରେ ମହୁଲ, କରଞ୍ଜ ଶୁଖା ହେଇଥାଏ । କି ବାସ୍ନା ତା'ର ! ବା' କହିଲା ଜଲ୍‌ଦି ଶୋ' । ରାତି ଅଧରୁ ଉଠି ଆମେ ବିଲକୁ ଯିବୁ ଧାନ କାଟିବାକୁ । କନ୍ଥା ଶେଯ ପାରି ସବୁ ଶୋଇଗଲେ । ମାଛି ଅନ୍ଧାର ହୋଇଥାଏ । ପାଖ ଘର ଜେମା ଆସି ଡାକିଲା । ଆସେ ଲୋ ସୁମୀ, ଜମି ପାଖ ବରଗଛରେ ଝୁଲା ଲାଗିଛି, ତଳେ ପତର ଜଳେଇ ନିଆଁ ପୁଇଁବା ଆଉ ଦୋଳି ଖେଳିବା ।

ଚାଲିଲେ ଦି' ସାଙ୍ଗ । ଜେମା ସୁମୀଠୁ ଦି ତିନି ବର୍ଷ ବଡ଼ ହେବ । ହସି ହସି ଝୁଲା ଝୁଲୁଥାନ୍ତି । ହଠାତ୍ ଖଣ୍ଡି କାସ, କିଏ କିଏ ସେ ଚୁପ୍ ପାଟିକରନା । ଗୁମାସ୍ତା କକା, ତାଙ୍କ ଜମିରେ ବା' ଭାଗଚାଷ କରୁଛି । ସୁମୀ ଦେଖିଲା ଝୁଲାଇବା ବାହାନାରେ କକା ଜେମାକୁ ଅଜାଗାରେ ସବୁ ଛୁଇଁ ଦେଉଛି । କହିଲା କ'ଣ ନା ନାତୁଣୀଟା ମୋର । ସୁମୀ ରକ୍ତଚାଉଳ ଚୋବାଉଥାଏ । ଏ ଜେମାଦେଇ କ'ଣ କିଛି କହୁନ । ଚୁପ୍ କରେ ଲୋ ଝିଅ, ତାଙ୍କରି ଜମିରେ ଚାଷ କରି ଆମେ ପରିବାର ଚଳୁଛୁ । କିଛି କହନି । ସୁମୀର ବିଦ୍ୟାଳୟରେ ସପ୍ତାହରେ ଥରେ ଗୁଲେଇଚି କ୍ଲାସ ହୁଏ । ସେଥିରେ ଦିଦି କହିଥାନ୍ତି, ଜୀବନଶୈଳୀ ବିଷୟରେ । ତାଙ୍କର ଥରେ ପଢ଼ା ହେଉଥାଏ- ଭଲ ସ୍ପର୍ଶ ଓ ଖରାପ ସ୍ପର୍ଶ । ସେ ଦିନ ସାରା ସେ ଅନ୍ୟମନସ୍କ ରହିଲା । ତା କପାଳ ଓ ମନ ଭିତରେ ପ୍ରତିବାଦର ସ୍ୱର । ମୋ ଦେହର ସୁରକ୍ଷା ମୋ ନିଜର । ଏ ଜେମା ଦେଇକୁ କ'ଣ ଜଣାନାହିଁ । ସନ୍ଧ୍ୟାବେଳେ ଆଉ ଥରେ ତାକୁ ପଚାରିଲା ସେ କାକାକୁ ତୁ କିଛି କହୁନୁ ? ନା ନା କହନି, ସେ ୩/୪ ଥର ଏମିତି କଲାଣି ।

ଗୋଟେ ଉପାୟ ପାଞ୍ଚିଲା । ଗାଁର ସରପଞ୍ଚ ଏଥର ତା ସାଙ୍ଗର ପିଉସୀ ହୋଇଥାଏ । ତାକୁ ଯାଇ ସବୁ ଫେରାଦ କଲେ । ତା' ପରଦିନ ବଢ଼ି ଭୋରୁ ବୁଦାମୂଳେ ସବୁ ଲୁଚିରହିଲେ । ଜେମା ଆସି ଝୁଲା ଖେଳିଲା । କିଛି ସମୟ ଯାଇଛି କି ନାହିଁ, କକା ପାନ ଖାଇ ଖଣ୍ଡି କାସ ଦେଇ ସୁମୀ ପାଖରେ ପହଞ୍ଚିଗଲେ ।

ମଉକା ଦେଖି ଚଉକା ମାରିଲେ ସୁମୀ, ସରପଞ୍ଚ ନାନୀ ଓ ଅନ୍ୟମାନେ । ସେଦିନ କକାକୁ ଉତ୍ତମ ମଧ୍ୟମ ଦେଇ ଅନ୍ୟମାନଙ୍କୁ ଚେତାଇ ଦେଲେ । ସୁମୀ କହୁଥାଏ- 'ମୋ ଦେହର ସୁରକ୍ଷା ମୋ' ହାତରେ', ବୁଝିଲୁ ଜେମା ଦେଇ ।



ଚିତ୍ର - ନନ୍ଦିନୀ ମଲିକ, ଶ୍ରେଣୀ ସପ୍ତମ




ଚିତ୍ର - ପ୍ରଭାତୀ ମଲିକ, ଶ୍ରେଣୀ ସପ୍ତମ, ଶିଆଳିଆ




ଚିତ୍ର - ରନିତା ମାଝି, ଶ୍ରେଣୀ ସପ୍ତମ, ଶିଆଳିଆ



ଚିତ୍ର - ଜୟନି ଶବର, ଶ୍ରେଣୀ ପଞ୍ଚମ, ଶିଆଳିଆ

# ଆମ ଖାଦ୍ୟର କାହାଣୀ



ଚିତ୍ର - **ସନ୍ଧ୍ୟାବତୀ ମୁଣ୍ଡା,** ଶ୍ରେଣୀ - ସପ୍ତମ, ସରକାରୀ ଆଶ୍ରମ ବିଦ୍ୟାଳୟ, ଶିଆଳିଆ

## ଖାଦ୍ୟର ଯାତ୍ରା



ଚିତ୍ର - **ରନିତା ମାଝି,** ଶ୍ରେଣୀ - ସପ୍ତମ, ଶିଆଳିଆ

## ଆମ ଖାଦ୍ୟ



**ନାମ - ଜସ୍ମିତା ମାଝି,** ଶ୍ରେଣୀ - ସପ୍ତମ, ସରକାରୀ ଆଶ୍ରମ ବିଦ୍ୟାଳୟ, ଶିଆଳିଆ

# ପ୍ରଶିକ୍ଷଣ ସମୟର ଗୁଲେଚି କାର୍ଯ୍ୟକ୍ରମ





























Toy
Ant
Yes
Eye
Dog
Log
Owl
Pin
Not
Fox
MAT
Sun
See
Men
Jar
Sea












SCOPE STATEMENT



# ମୋ ସ୍ୱପ୍ନ




ଚିତ୍ର - **ପାର୍ବତୀ ମୁଣ୍ଡା**, ଶ୍ରେଣୀ - ଅଷ୍ଟମ, ସରକାରୀ ଆଶ୍ରମ ବିଦ୍ୟାଳୟ, ପାଇକ ତିଗିରିଆ

## କୃତଜ୍ଞତା ଜଣାଉଛୁ...

- ଶିଆଳିଆ, ପାଇକ ତିଗିରିଆ, ଦଳୁଆ, ଭଗବତୀପୁର, ପଦ୍ମକେଶରୀପୁର ଓ ଟାଙ୍ଗିଆପଡ଼ା ଆଶ୍ରମ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ତ୍ତୃପକ୍ଷଗଣ ।
- ଆଦରଣୀୟା ମମତା ଦିଦି, ଇତିଶ୍ରୀ ଦିଦି, ସ୍ୱାତୀ ଦିଦି, ପୁଷ୍ପା ଦିଦି, ସ୍ନେହ ଦିଦି
- ଆଦରଣୀୟା ଡାକ୍ତର ମମତା ପ୍ରଧାନ
- ସମ୍ମାନନୀୟା ଶ୍ରୀମତୀ ସବିତା ପଟ୍ଟନାୟକ
- ସମ୍ମାନନୀୟ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ମନୋଜ ନାୟକ



ପ୍ରସ୍ତୁତି

ISD

Institute for Social Development

Plot No.-95 Phase-II, Kanan Vihar
P.O.-Patia, Bhubaneswar-751031, Odisha, India
Ph: + 91-674-2726756, Mob. : 9437018141
E-mail: isd_bbsr@rediffmail.com, to@isdbbsr.org, Web: www.isdbbsr.org

ସହାୟତା

Secours Catholique
Caritas France